Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ
The Utkal Samachar
www.theutkalsamachar.com
ଦୈନିକ '**ଉତ୍କଳ ସମାଚାର**' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।
Address:Qrs No-B/204,
Sec-16,Rkl, Mob:9439951525,
Email: utkalsamachar@gmail.com

✦Vol - 19✦ Issue No:328✦3 April 2024 (Wednesday) ✦ Rourkela ✦ Rs.2.00 ✦ Page -1 ✦୧୯ ବର୍ଷ ✦ସଂଖ୍ୟା :୩୨୮✦୩ ଏପ୍ରିଲ ୨୦୨୪ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

କଂଗ୍ରେସରେ ଯୋଗ ଦେଲେ ଅଜୟ ନିଶାଦ

ବିଜେପି ବିରୋଧରେ କରିଛନ୍ତି ଗୁରୁତର ଅଭିଯୋଗ

ପାଟନା, ୨/୪: ଲୋକସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୋରଦାର ପ୍ରସ୍ତୁତି ଜାରି ରହିଛି । ଦଳବଦଳ ପ୍ରକ୍ରିୟା ମଧ୍ୟରେ ବିହାରରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ରାଜ୍ୟର ମୁଜାଫରପୁର ଲୋକସଭା ଆସନରୁ ବିଜେପି ସାଂସଦ ଅଜୟ ନିଶାଦ ଦଳ ତ୍ୟାଗ କରି କଂଗ୍ରେସରେ ଯୋଗ ଦେଇଛନ୍ତି । ଏହା ସହ ମୁଜାଫରପୁର ଲୋକସଭା ଆସନରୁ ଟିକେଟ କଟିବା ନେଇ ବିଜେପି ଉପରେ ପ୍ରତାରଣାର ଅଭିଯୋଗ କରିଛନ୍ତି । ବିଜେପି ସାଂସଦ ଅଜୟ ନିଶାଦ 'ଏକ୍ସ'ରେ ଏକ ପୋଷ୍ଟ ଶେୟାର କରି ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଟ୍ୟାଗ୍ କରି ଲେଖିଛନ୍ତି, 'ଆଦରଣୀୟ ଜେପି ନଡ୍ଡା ଜୀ, ଅଣଔଚଓଭୟସବ କରିଥିବା ଛଳନାରୁ କ୍ଷୁବ୍ଧ ହୋଇ ଦଳର ସମସ୍ତ ପଦ ସହ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଉଛି ।'

ଆକାଶରୁ ବର୍ଷୁଛି ନିଆଁ

ସକାଳ ୮ଟା ୩୦ ସୁଦ୍ଧା ୩୦ ଡିଗ୍ରୀ ଉପରେ ୪ ସହର

ଭୁବନେଶ୍ୱର, ୨/୪ (ନି/ପ୍ର): ରାଜ୍ୟରେ ସକାଳୁ ଆରମ୍ଭ ହୋଇଗଲାଣି ତାତି । ସକାଳ ୮ଟା ୩୦ ସୁଦ୍ଧା ୩୦ ଡିଗ୍ରୀ ଉପରେ ୪ ସହର । ବାଲେଶ୍ୱରରେ ସର୍ବାଧିକ ୩୨ ଡିଗ୍ରୀ ତାପମାତ୍ରା ରେକର୍ଡ କରିଛି । କଟକରେ ୩୧.୧, ଭୁବନେଶ୍ୱରରେ ୩୦.୮ ଡିଗ୍ରୀ ରେକର୍ଡ କରିଛି । ସେହିପରି ଚାନ୍ଦବାଲିରେ ୩୦.୪ ଡିଗ୍ରୀ ଖରା ଥିବା ବେଳେ ସମ୍ବଲପୁରରେ ୩୦ ଡିଗ୍ରୀ ତାପମାତ୍ରା ଛୁଇଁଛି । ତେବେ ଏହି ଖରାକୁ ଦେଖି ରାଜ୍ୟରେ ଆଜି ସମସ୍ତ ବିଦ୍ୟାଳୟରେ ସକାଳୁ ପାଠ ପଢା ଆରମ୍ଭ ହୋଇଛି । ସକାଳୁ ଏପରି ତାପମାତ୍ରା ଲୋକଙ୍କୁ ଅସୁବିଧାରେ ପକାଇଛି । ତେବେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୩୨ ଡିଗ୍ରୀ ସେଲସିୟସ ତାପମାତ୍ରା ସକାଳ ୮ଟାରେ ରେକର୍ଡ କରିଛି । ଅନ୍ୟ ପକ୍ଷରେ ପୁରୀରେ ୩୦ ଡିଗ୍ରୀ, ରାଉରକେଲାରେ ୨୯.୮ ଡିଗ୍ରୀ ସେଲସିୟସ, ପାରାଦୀପରେ ୨୯.୬ ଡିଗ୍ରୀ, କେନ୍ଦୁଝରରେ ୨୯.୬ ଡିଗ୍ରୀ, ଝାରସୁଗୁଡ଼ାରେ ୨୯.୪ ଡିଗ୍ରୀ ରେକର୍ଡ କରାଯାଇଛି । ଏପରି ଗୁଳିଗୁଳି ରାତିରେ ମଧ୍ୟ ରହିବ ବୋଲି ପାଣିପାଗ ବିଭାଗରୁ ସୂଚନା ମିଳିଛି ।

୧୦ ବର୍ଷରେ ଯାହା କରିଛୁ ତାହା କେବଳ ଟ୍ରେଲର ଥିଲା: ମୋଦୀ

ନୂଆଦିଲ୍ଲୀ, ୨/୪: ଲୋକସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଲି ଆରମ୍ଭ ହୋଇଯାଇଛି । ମଙ୍ଗଳବାର (ଏପ୍ରିଲ ୨) ରାଜସ୍ଥାନର କୋଟପୁଟଲିରେ ବିଜୟ ଶଙ୍ଖନାଦ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ମୋଦୀ ମଜା କରିବା ପାଇଁ ଜନ୍ମ ହୋଇନି । କଠିନ ପରିଶ୍ରମ କରିବା ପାଇଁ ମୋଦୀ ଜନ୍ମ ନେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ବହୁତ କିଛି କରିଛି, କିନ୍ତୁ ଯାହା ଘଟିଛି ତାହା କେବଳ ଏକ ଟ୍ରେଲର ଥିଲା ।ବିଜୟ ଶଙ୍ଖନାଦ ରାଲିରେ ପ୍ରଧାନମନ୍ତ୍ରୀ ମୋଦୀ ଲୋକମାନଙ୍କୁ କହିଥିଲେ, "ଲୋକମାନେ ମୋତେ କୁହନ୍ତି, କିଛି ବିଶ୍ରାମ କରିନିଅନ୍ତୁ, କିନ୍ତୁ ଏଭଳି ଲୋକମାନେ ଭୁଲିଯାଆନ୍ତି ଯେ ମୋଦୀ ମଜା କରିବା ପାଇଁ ଜନ୍ମ ନେଇନି ।ସେ କହିଛନ୍ତି, ଏତେ ଜନସମାଗମ, ଆପଣଙ୍କ ଉତ୍ସାହ, ଆପଣଙ୍କ ଉତ୍ସାହ ଜୁନ୍ ୪ ତାରିଖର ସଙ୍କେତ ଦେଉଛି । ରାଜସ୍ଥାନର ଲୋକମାନେ ସର୍ବଦା ଦେଶର ଶକ୍ତି ପାଇଁ ଠିଆ ହୋଇଛନ୍ତି ଏବଂ କିଛି ଦିନ ତଳେ ଫ୍ରାନ୍ସ ରାଷ୍ଟ୍ରପତି ଏଠାକୁ ଆସିବା ପରେ ସମଗ୍ର ବିଶ୍ୱ ଜୟପୁରର ଗୌରବ ଦେଖିଥିଲା । ରାଜସ୍ଥାନ ସର୍ବଦା ବିଜେପିକୁ ବହୁତ ଆଶୀର୍ବାଦ ଦେଇଛି । ତୃତୀୟ ଥର ପାଇଁ ବିଜେପିକୁ ଜିତାଇବା ପାଇଁ ସଂକଳ୍ପ ନେଇଛନ୍ତି ରାଜ୍ୟବାସୀ । କୋଟପୁଟଲିରେ ଲୋକଙ୍କ ଏହି ଉତ୍ସାହ ଓ ଉତ୍ସାହ ଅବିସ୍ମରଣୀୟ ରହିବ ବୋଲି ମୋଦୀ କହିଛନ୍ତି ।

୮ ଆଇଏଏସ୍ ଓ ଆଇପିଏସଙ୍କୁ ବଦଳି ନିର୍ଦ୍ଦେଶ ଦେଲେ ନିର୍ବାଚନ କମିଶନ



ଭୁବନେଶ୍ୱର, ୨/୪(ନି/ପ୍ର): ଆସନ୍ତା ମାସ ୧୯ ତାରିଖରୁ ଦେଶରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଆରମ୍ଭ ହେବ । ସେହିପରି ମେ ୧୩ରୁ ୪ଟି ପର୍ଯ୍ୟାୟରେ ଓଡ଼ିଶାରେ ମତଦାନ ଗ୍ରହଣ କରାଯିବ । ତେବେ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହିତ ସମାପନ କରିବା ପାଇଁ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରୁଛନ୍ତି । ଏହା ମଧ୍ୟରେ ନିର୍ବାଚନ ଆୟୋଗ ୮ ଜଣ ସର୍ବଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଓ ସର୍ବଭାରତୀୟ ପୋଲିସ ସେବା (ଆଇପିଏସ) ଅଧିକାରୀଙ୍କୁ ନିର୍ବାଚନ କାମ ନଥିବା ସ୍ଥାନକୁ ବଦଳି ନିର୍ଦ୍ଦେଶ ଦେଇଛନ୍ତି । ଏହି ବଦଳି ତାଲିକାରେ ୨ ଜିଲ୍ଲାପାଳ ଓ ୫ ଜଣ ଏସପିଙ୍କ ନାମ ରହିଛି । କଟକ ଜିଲ୍ଲାପାଳ, ବିନୀତ ଭରଦ୍ୱାଜ, ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟୱାରୀ, ଅନୁଗୁଳ ଏସପି ସୁଧାଂଶୁ ଶେଖର ମିଶ୍ର, ବ୍ରହ୍ମପୁର ଏସପି ସରଭଣା ବିବେକ ଏମ, ଖୋର୍ଦ୍ଧା ଏସପି ଯୁଗଳ କିଶୋର ବାନୋଥ, ରାଉରକେଲା ଏସପି ମିତ୍ରଭାନୁ ମହାପାତ୍ର, ସୁନ୍ଦରଗଡ଼ ଏସପି କନୱର ବିଶାଳ ସିଂହ, ଓ କେନ୍ଦ୍ରାଂଚଳ ଆଇଜି ଆଶିଷ କୁମାର ସିଂହଙ୍କ ନାମ ରହିଛି । ଏପ୍ରିଲ ୨ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଏହି ସମସ୍ତ ଅଧିକାରୀଙ୍କ ବଦଳରେ ନିଯୁକ୍ତି ପାଇଁ ପ୍ରତ୍ୟେକ ସ୍ଥାନ ପାଇଁ ୩ ଜଣ ଯୋଗ୍ୟ ଅଧିକାରୀଙ୍କ ନାମ ଦେବା ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟର ୮ ଲୋକସଭା ଓ ୪୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ

କେଉଁମାନଙ୍କୁ ମିଳିଲା ଟିକେଟ ?

ଭୁବନେଶ୍ୱର, ୨/୪ (ନି/ପ୍ର): ବିଜେପି, ବିଜେଡି ପରେ ଏବେ ପ୍ରାର୍ଥୀ ତାଲିକା ଘୋଷଣା କଲା କଂଗ୍ରେସ । ପ୍ରଥମ ପର୍ଯ୍ୟାୟର ଦଳ ଆଜି ରାଜ୍ୟର ୮ ଲୋକସଭା ଓ ୪୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । ପିସିସି ସଭାପତି ଶରତ ପଟ୍ଟନାୟକ ନୂଆପଡ଼ା ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ବଲାଙ୍ଗୀର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି ନରସିଂହ ମିଶ୍ରଙ୍କ ପୁଅ ସମେରନ୍ଦ୍ର ମିଶ୍ର ।

ଦିଗପହଣ୍ଡିରେ ସିଦ୍ଧାନ୍ତ-ବିପ୍ଳବ ଲଢ଼େଇ

ଭୁବନେଶ୍ୱର, ୨/୪ (ନି/ପ୍ର): ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିବା ପୂର୍ବତନ ବ୍ରହ୍ମପୁର ସାଂସଦ ସିଦ୍ଧାନ୍ତ ମହାପାତ୍ର ବିଧାନସଭା ନିର୍ବାଚନ ଲଢିବାକୁ ଯାଉଛନ୍ତି । ଦିଗପହଣ୍ଡିରୁ ବିଜେପି ସିଦ୍ଧାନ୍ତଙ୍କୁ ପ୍ରାର୍ଥୀ କରିଛି । ପୂର୍ବରୁ ଦୁଇ ଥର ସାଂସଦ ରହିଥିବା ସିଦ୍ଧାନ୍ତ ଦିଗପହଣ୍ଡିରେ ସୂର୍ଯ୍ୟପାତ୍ରଙ୍କ ପୁଅ ବିପ୍ଳବ ପାତ୍ରଙ୍କୁ ଟକ୍କର ଦେବେ । ୨୦୦୯ରେ ସିଦ୍ଧାନ୍ତ ମହାପାତ୍ରଙ୍କୁ ସୂର୍ଯ୍ୟପାତ୍ର ରାଜନୀତିକୁ ଆଣି ବିଜେଡିରେ ସାମିଲ କରାଇଥିଲେ । ଆଉ ସେହିଥର ନିର୍ବାଚନରେ ବ୍ରହ୍ମପୁରରୁ ସାଂସଦ ଭାବେ ଲଢି ବିଜୟୀ ହୋଇଥିଲେ ସିଦ୍ଧାନ୍ତ । ପରେ ୨୦୧୪ରେ ବି ଲୋକସଭା ନିର୍ବାଚନ ଲଢି ବିଜୟୀ ହୋଇଥିଲେ । ବିପ୍ଳବ ପାତ୍ର ଓ ସିଦ୍ଧାନ୍ତ ମହାପାତ୍ରଙ୍କ ମଧ୍ୟରେ ଏଠାରେ ଦମଦାର ଲଢେଇ ହେବ ବୋଲି ଚର୍ଚ୍ଚା ହେଉଛି । ୨୦୧୯ ନିର୍ବାଚନରେ ସୂର୍ଯ୍ୟ ପାତ୍ରଙ୍କ ବିରୋଧରେ ଦିଗପହଣ୍ଡି ଆସନରେ ପିଙ୍କି ପ୍ରଧାନଙ୍କୁ ବିଜେପି ପ୍ରାର୍ଥୀ କରିଥିଲା । ହେଲେ ପିଙ୍କି ପ୍ରଧାନ ଏଠାରେ ୪୦ହଜାରରୁ ଅଧିକ ଭୋଟରେ ପରାଜିତ ହୋଇଥିଲେ ।

୧୧୨ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କଲା ବିଜେପି

ଚାନ୍ଦବାଲିରୁ ଲଢ଼ିବେ ରାଜ୍ୟ ସଭାପତି ମନମୋହନ ସାମଲ

ଭୁବନେଶ୍ୱର, ୨/୪ (ନି/ପ୍ର): ୨୦୨୪ ବିଧାନସଭା ନିର୍ବାଚନ ପାଇଁ ବିଜେପି ୧୧୨ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି । ବଳକା ୩୫ ଆସନରେ ବିଜେପି ପ୍ରାର୍ଥୀ ଘୋଷଣା କରିନାହିଁ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଦଳ ଏଥର ପୁଣି ଚାନ୍ଦବାଲିରୁ ପ୍ରାର୍ଥୀ କରିଛି । ଏଣେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସମ୍ବଲପୁରରୁ ପୁଣି ଲଢ଼ିବେ । ଏଣେ ପଦମପୁରରୁ ଗୋବର୍ଦ୍ଧନ ଭୋଇ, ବି ?ଜେପୁରରୁ ସନତ କୁମାର ଗଡ଼ତିଆ, ବରଗଡ଼ରୁ ଅଶ୍ୱିନୀ ଷଡ଼ଙ୍ଗୀ, ଅଟ୍ଟବିରାରୁ ନିହାରରଂଜନ ମହାନନ୍ଦ, ଝାରସୁଗୁଡ଼ାରୁ ଟଙ୍କଧର ତ୍ରିପାଠୀ, ତଳସରାରୁ ଭବାନୀଶଙ୍କର ଭୋଇ, ସୁନ୍ଦରଗଡ଼ରୁ କୁସୁମ ଟେଟେ, ବୀରମିତ୍ରପୁରରୁ ଶଙ୍କର ଓରାମ, ରଘୁନାଥପାଲିରୁ ଦୁର୍ଗା ଚରଣ ତନ୍ତୀ, ରାଜଗାଙ୍ଗପୁରରୁ ନରସିଂହ ମିଞ୍ଜ, ବଣାଇରୁ ସେବତୀ ନାଏକ, କୁଚିଣ୍ଡାରୁ ରବି ନାରାୟଣ ନାଏକ, ରେଙ୍ଗାଲିରୁ ନାଉରୀ ନାଏକ, ରେଢ଼ାଖୋଲରୁ ଦେବେନ୍ଦ୍ର ମହାପାତ୍ର, ଦେବଗଡ଼ରୁ ସୁବାସ ପାଣିଗ୍ରାହୀ, ଆନନ୍ଦପୁରରୁ ଆଲୋକ ସେଠୀ, କେନ୍ଦୁଝରରୁ ମୋହନ ମାଝୀ, ଯଶୀପୁରରୁ ଗଣେଶରାମ ସିଂ ଖୁଣ୍ଟିଆ, ଉଦଳାରୁ ଭାସ୍କର ମଢ଼େଇ, ବଡ଼ସାହିରୁ ସନାତନ ବିଜୁଲି, ବାରିପଦାରୁ ପ୍ରକାଶ ସୋରେନ, ମୋରଡ଼ାରୁ କୃଷ୍ଣଚନ୍ଦ୍ର ମହାପାତ୍ର, ଜଳେଶ୍ୱରରୁ ବ୍ରଜ ପ୍ରଧାନ, ବାଲେଶ୍ୱରରୁ ମାନସ ଦତ୍ତ, ରେମୁଣାରୁ ଗୋବିନ୍ଦ ଦାସ, ସୋରରୁ ରାଜେନ୍ଦ୍ର ଦାସ, ସିମୁଳିଆରୁ ପଦ୍ମଲୋଚନ ପଣ୍ଡା, ଭଦ୍ରକରୁ ସୀତାଂଶୁ ଶେଖର ମହାପାତ୍ର, ଧାମନଗରରୁ ସୂର୍ଯ୍ୟବଂଶୀ ସୂରଜ, ବିଂଝାରପୁରରୁ ବବିତା ମଲ୍ଲିକ, ବଡ଼ଚଣାରୁ ଅମର ନାୟକ, ଧର୍ମଶାଳାରୁ ସ୍ମୃତିରେଖା ପହି, ଯାଜପୁରରୁ ଗୌତମ ରାୟ, କୋରେଇରୁ ଆକାଶ ଦାସ ନାୟକ, ସୁକିନ୍ଦାରୁ ପ୍ରଦୀପ ବଳସାମନ୍ତ, ଢେଙ୍କାନାଳରୁ କୃଷ୍ଣଚନ୍ଦ୍ର ପାତ୍ର, କାମାକ୍ଷାନଗରରୁ ଶତ୍ରୁଘ୍ନ ଜେନା, ପରଜଙ୍ଗରୁ ବିଭୁତି ଭୂଷଣ ପ୍ରଧାନ, ଅନୁଗୁଳରୁ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ାରୁ ଅଶୋକ ମହାନ୍ତି, ତାଳଚେରରୁ କାଳିନ୍ଦୀ ସାମଲ, ଛେଣ୍ଡିପଦାରୁ ଅଗସ୍ତି ବେହେରା, ଆଠମଲ୍ଲିକରୁ ସଂଜୀବ ସାହୁ, ବୀରମହାରାଜପୁରରୁ ରଘୁନାଥ ଜଗଦଲା, ସୋନପୁରରୁ ପ୍ରମୋଦ ମହାପାତ୍ର, ଲୋଇସିଂହାରୁ ଡକ୍ଟର ମୁକେଶ ମହାଲିଙ୍ଗ, ପାଟଣାଗଡ଼ରୁ କନକବର୍ଦ୍ଧନ ସିଂଦେଓ, ବଲାଙ୍ଗୀରରୁ ଗୋପାଳଜୀ ପାଣିଗ୍ରାହୀ, ଟିଟିଲାଗଡ଼ରୁ ନବୀନ ଜୈନ, କଣ୍ଟାବାଞ୍ଜିରୁ ଲକ୍ଷ୍ମଣ ବାଗ, ନୂଆପଡ଼ାରୁ ଅଭିନନ୍ଦନ ପଣ୍ଡା, ଖଡ଼ିଆଳରୁ ହିତେଶ ବଗର୍ତ୍ତୀ, ଉମରକୋଟରୁ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁରରୁ ଗୌରୀଶଙ୍କର ମାଝୀ, ଲାଞ୍ଜିଗଡ଼ରୁ ରମେଶ ମାଝୀ, ଜୁନାଗଡ଼ରୁ ମନୋଜ ମେହେର, ଧର୍ମଗଡ଼ରୁ ସୁଧୀର ପାଟଯୋଶୀ, ଭବାନୀପାଟଣାରୁ ପ୍ରଦୀପ୍ତ କୁମାର ନାୟକ, ନର୍ଲାରୁ ଅନିରୁଦ୍ଧ ପ୍ରଧାନ, ବାଲିଗୁଡ଼ା କଳ୍ପନା କହଁର, ଜି.ଉଦୟଗିରିରୁ ମାନଗୋବିନ୍ଦ ପ୍ରଧାନ, ଫୁଲବାଣୀରୁ ଉମା ଚରଣ ମଲ୍ଲିକ, କଣ୍ଟାମାଳରୁ କହ୍ନେଇ ଚରଣ ଡାଙ୍ଗ, ବେ ?ଦ୍ଧରୁ ସରୋଜ ପ୍ରଧାନ, ବାଙ୍କୀ ତୁଷାରକାନ୍ତ ଚକ୍ରବର୍ତ୍ତୀ, ଅଠେଗଡ଼ରୁ ଅଭୟ କୁମାର ବାରିକ, ଚୌ ?ଦ୍ୱାର-କଟକରୁ ନୟନ କିଶୋର ମହାନ୍ତି, କଟକ ସଦରରୁ ପ୍ରକାଶ ସେଠୀ, ମାହାଙ୍ଗା ସୁମନ୍ତ କୁମାର ଘଡ଼େଇ, ଆଳିରୁ କୃଷ୍ଣଚନ୍ଦ୍ର ପଣ୍ଡା, ମହାକାଳପଡ଼ାରୁ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ, ତିର୍ତ୍ତୋଲରୁ ରାଜକିଶୋର ବେହେରା, ନିମାପଡ଼ାରୁ ପ୍ରଭାତୀ ପରିଡ଼ା, ପୁରୀରୁ ଜୟନ୍ତ କୁମାର ଷଡ଼ଙ୍ଗୀ, ସତ୍ୟବାଦୀରୁ ଓମ ପ୍ରକାଶ ମିଶ୍ର, ପିପିଲିରୁ ଆଶ୍ରିତ କୁମାର ପଟ୍ଟନାୟକ, ଜଟଣୀ ବିଶ୍ୱରଂଜନ ବଡ଼ଜେନା, ରଣପୁରରୁ ତାପସରଂଜନ ମାର୍ଥା, ଦଶପଲ୍ଲାରୁ ରାଘବ ମଲ୍ଲିକ, ଭଞ୍ଜନଗରରୁ ପ୍ରଦ୍ୟୁମ୍ନ କୁମାର ନାୟକ, ପୋଲସରାରୁ ଗୋକୁଳାନନ୍ଦ ମଲ୍ଲିକ. କବିସୂର୍ଯ୍ୟନଗରରୁ ପ୍ରତାପ ଚନ୍ଦ୍ର ନାୟକ, ଖଲ୍ଲିକୋଟରୁ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଛତ୍ରପୁରରୁ କୃଷ୍ଣଚନ୍ଦ୍ର ନାୟକ, ଆସିକାରୁ ସରୋଜକ କୁମାର ପାଢ଼ୀ, ସୋରଡ଼ାରୁ ନୀଳମଣି ବିଶୋଇ, ହିଞ୍ଜିଳିରୁ ଶିଶିର ମିଶ୍ର, ଗୋପାଳପୁରରୁ ବିଭୂତିଭୂଷଣ ଜେନା, ବ୍ରହ୍ମପୁରରୁ କେ ଅନିଲ କୁମାର, ଚିକିଟିରୁ ମନୋରଂଜନ ଦ୍ୟାନସାମନ୍ତରାୟ, ପାରଳାଖେମୁଣ୍ଡିରୁ କେ, ନାରାୟଣ ରାଓ, ଗୁଣୁପୁରରୁ ତ୍ରିନାଥ ଗମାଙ୍ଗ, କୋରାପୁଟରୁ ରଘୁରାମ ମାଛ, ପଟାଙ୍ଗିରୁ ଚୈତନ୍ୟ ହନ୍ତାଳ, ଦିଗପହଣ୍ଡିରୁ ସିଦ୍ଧାନ୍ତ ମହାପାତ୍ର, ମାଲକାନଗିରିରୁ ନରସିଂହ ମାଡ଼କାମି, ଜୟଦେବରୁ ଅରବିନ୍ଦ ଢାଲି, ଉନ୍ନର ଭୁବନେଶ୍ୱରରୁ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଏକାମ୍ରରୁ ବାବୁସିଂ, ଭୁବନେଶ୍ୱର ମଧ୍ୟରୁ ଜଗନ୍ନାଥ ପ୍ରଧାନ, ଖଣ୍ଡପଡ଼ାରୁ ଦୁଷ୍ମନ୍ତ ସ୍ୱାଇଁ, ବ୍ରଜରାଜନଗରରୁ ସୁରେଶ ପୂଜାରୀ, ଭଟଲିରୁ ଇରାଶିଷ ଆଚାର୍ଯ୍ୟ, ପାଟକୁରାରୁ ତେଜେଶ୍ୱର ପରିଡ଼ା, ବଡ଼ମ୍ବାରୁ ସମ୍ବିତ ତ୍ରିପାଠୀ, ପାରାଦୀପରୁ ସଂପଦ ସ୍ୱାଇଁଙ୍କୁ ବିଜେପି ପ୍ରାର୍ଥୀ କରିଛି ।

ଆବଶ୍ୟକ
ଉତ୍କଳ ସମାଚାର
www.theutkalsamachar.com
ଦୈନିକ ପ୍ରକାଶିତ ଖବରକାଗଜ '**ଉତ୍କଳ ସମାଚାର**' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।
Address:Qrs No:B/204,
Sec-16, Rkl
Mob: 9439951525
email-utkalsamachar@gmail.com

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255916
Email: utkalsamachar@gmail.com, Mob: 9437086122

ପଦ୍ମଶ୍ରୀ’ କଣ୍ଢେଇ ନୃତ୍ୟଶିଳ୍ପୀ ମାଗୁଣୀ ଚରଣ କୁଅଁର ଅସୁସ୍ଥ: କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

କେନ୍ଦୁଝର,୨/୪ (ନି/ପ୍ର): ‘ପଦ୍ମଶ୍ରୀ’ ପୁରସ୍କାରପ୍ରାପ୍ତ କେନ୍ଦୁଝର ଜିଲ୍ଲାର କଣ୍ଢେଇ ନୃତ୍ୟଶିଳ୍ପୀ ମାଗୁଣୀ ଚରଣ କୁଅଁର ଅସୁସ୍ଥ ହୋଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମେଡିସିନ ୱାର୍ଡ ୩୫ ନମ୍ବର ଶଯ୍ୟାରେ ତାଙ୍କର ଚିକିତ୍ସା କରାଯାଉଛି। ଉଲ୍ଲେଖ ଥାଉ କି କେନ୍ଦୁଝର ସହରର ବୈଦ୍ୟରାଜ ସାହିରେ ୧୯୩୭ ମସିହା ଫେବ୍ରୁଆରି ୧୨ ତାରିଖରେ ଶ୍ରୀ କୁଅଁର ଜନ୍ମଗ୍ରହଣ କରିଥିଲେ। ସେ ୧୫ ବର୍ଷ ବୟସରୁ ଗୁରୁ ମକରଧ୍ୱଜ ବେହେରାଙ୍କ ଠାରୁ କଣ୍ଢେଇ ନୃତ୍ୟ ଶିକ୍ଷା ଗ୍ରହଣ କରିଥିଲେ। ସେବେଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ରାବଣବଦ୍ଧ, ତ୍ରିପୁରାସୁରବଦ୍ଧ, ଚନ୍ଦ୍ରହାସ୍ୟ ଖଡ୍‌ଗ, ମନ୍ଦୋଦରୀ ବିବାହ, ଚାର୍ଲସ ଶୋଭରାଜ, ବୀରସୁରେନ୍ଦ୍ର ସାଏ, ସହିଦ ଲକ୍ଷ୍ମଣ ନାୟକ, ଶ୍ରୀ ଗଣେଶ, ସତୀ ତୁଳସୀ ପରିବ ୪୫ଟି ବିଷୟବସ୍ତୁକୁ ନେଇ ସେ କଣ୍ଢେଇ ନୃତ୍ୟ ପରିବେଷଣ କରୁଛନ୍ତି। କଣ୍ଢେଇ ନୃତ୍ୟକୁ ବଂଚାଇ ରଖିବା ପାଇଁ ଶ୍ରୀ କୁଅଁରଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଛି। ଏଥିପାଇଁ ତାଙ୍କୁ ପତ୍ନୀ ସ୍ନେହଲତାଙ୍କ ଗହଣା ସାଙ୍ଗକୁ ଘରର ବାସନକୁସନ ଏବଂ ନିଜର ମୋଟରସାଇକଲ ବିକ୍ରି କରିବାକୁ ପଡ଼ିଛି। ରାଜ୍ୟର ବିଭିନ୍ନ ମହୋତ୍ସବ ସମେତ ଦେଶର ବିଭିନ୍ନ ମଂଚରେ ସେ କଣ୍ଢେଇ ନୃତ୍ୟ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହେବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏଥିପାଇଁ ତାଙ୍କୁ ୨୦୦୪ରେ କେନ୍ଦ୍ର ସଂଗୀତ ନାଟକ ଏକାଡେମି ପୁରସ୍କାର ମିଳିଥିଲା। ଏହାବାଦ୍ ସେ ୨୦୧୪ରେ ରାଜ୍ୟ ସଂଗୀତ ନାଟକ ଏକାଡେମି ସମ୍ମାନ ସମେତ ଦେଶର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।

ଅଂଶୁମାନଙ୍କ ସହିତ ଗଲେନି ସାବିତ୍ରୀ: ବିଧାୟିକା ଓ ପୁଅ ସଞ୍ଜୟଙ୍କ ନିରବତାକୁ ନେଇ ଚର୍ଚ୍ଚା

କେନ୍ଦ୍ରାପଡ଼ା,୨/୪ (ନି/ପ୍ର): କେନ୍ଦ୍ରାପଡ଼ାର ବିଜେଡି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ବଳଦେବଜିଉ ଦର୍ଶନ କାର୍ଯ୍ୟକ୍ରମରେ ରହିଲେନି ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଅଥବା ତାଙ୍କ ପୁଅ ସଞ୍ଜୟ ଅଗ୍ରୱାଲ। ବିଜେଡି ଏଥର ଅଗ୍ରୱାଲ ପରିବାରର ଟିକଟ୍ କାଟି ଅରବିନ୍ଦ ମହାପାତ୍ରଙ୍କୁ ପାଟକୁରାରୁ ବିଧାୟକ ପ୍ରାର୍ଥୀ କରିଛି। ଅରବିନ୍ଦ ହେଉଛନ୍ତି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ରଙ୍କ ପୁଅ ଏବଂ ଅଗ୍ରୱାଲ ପରିବାରର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ। ଏଭଳି ସ୍ଥିତିରେ ପାଟକୁରା ରାଜନୀତି ଆଗାମୀ ଦିନରେ କେଉଁ ଦିଗକୁ ଯିବ, ତାହାକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

୨୦୦୯ରୁ କ୍ରମାଗତ ଭାବେ ପାଟକୁରା ଆସନ ଅଗ୍ରୱାଲ୍ ପରିବାରର କବ୍‌ଜାରେ ରହିଆସିଛି। ଏଥର ସାବିତ୍ରୀଙ୍କ ପୁଅ ସଞ୍ଜୟ ଓ ଝିଅ ମଧୁମତୀ ଟିକଟ୍ ଆଶାୟୀ ଥିଲେ। ଗଲା ପାଂଚବର୍ଷ ହେବ ବିଧାୟିକାଙ୍କ ପ୍ରତିନିଧି ହିସାବରେ ସଞ୍ଜୟ ନିର୍ବାଚନମଣ୍ତଳୀ କଥା ବୁଝାସୁଝା କରିବା ସହ ଦଳୀୟ କାର୍ଯ୍ୟକ୍ରମ ଓ ବୈଠକରେ ସାମିଲ୍ ହେଉଥିବା ଦେଖିବାକୁ ମିଳିଥିଲା। ଏପରିକି ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ପୁଅ ସଞ୍ଜୟ ପାଟକୁରାର ଦାୟିତ୍ୱ ନେବ ବୋଲି ଖୋଲାଖୋଲି ବିଧାୟିକା ଘୋଷଣା କରି ଆସୁଥିଲେ। ସେପଟେ ଝିଅ ମଧୁମତୀ ମଧୁ ବାପାଙ୍କ ରାଜନୈତିକ ଉତରାଧିକାରୀ ରୂପେ ନିଜକୁ ଉପସ୍ଥାପିତ କରୁଥିଲେ। ଭାଇ-ଭଉଣୀଙ୍କ ଏଭଳି ଟିକେଟ ଲଢ଼େଇ ଭିତରେ ବିଜେଡି ବିରୋଧୀ ଶିବିରରୁ ନୂଆ ଯୁବ ଚେହେରାକୁ ଆଣି ପ୍ରାର୍ଥୀ କରିବାପରେ ଅଗ୍ରୱାଲ୍ ପରିବାରର ଲମ୍ବା ରାଜନୈତିକ ଯାତ୍ରାରେ ଅଙ୍କୁଶ ଲଗିଯାଇଛି। ଯଦିଓ ଏବେବି ବିଧାୟିକା ସାବିତ୍ରୀ ଓ ପୁଅ ସଞ୍ଜୟ ବିଜେଡିରେ ଅଛନ୍ତି, ବିଧାୟକ ପ୍ରାର୍ଥୀ ଘୋଷଣା ହେବାପରେ ପାଟକୁରା ନିର୍ବାଚନମଣ୍ତଳୀରେ କୌଣସି ସାର୍ବଜନୀନ ସ୍ଥାନରେ ଅରବିନ୍ଦଙ୍କ ସହିତ ମା’-ପୁଅଙ୍କୁ ଏକାଠି ଦେଖିବାକୁ ମିଳିନାହିଁ। ଗତକାଲି ସାଂସଦ ପ୍ରାର୍ଥୀଙ୍କ ସହିତ ଜିଲ୍ଲାର ଅନ୍ୟ ଚାରି ନିର୍ବାଚନମଣ୍ତଳୀ ନେତା, ପାଟକୁରାର ଅରବିନ୍ଦ ମହାପାତ୍ର ଏବଂ ଜିଲ୍ଲା ସଂଗଠନର ପଦାଧିକାରୀଙ୍କୁ ଦେଖିବାକୁ ମିଳିଥିବା ବେଳେ ଅଗ୍ରୱାଲ ପରିବାର ଦୂରେଇ ରହିଥିଲେ। ଦଳର ପ୍ରାର୍ଥୀ ନିଷ୍ପତ୍ତିକୁ ଏବେ ବି ଅଗ୍ରୱାଲ ପରିବାର ସହଜରେ ଗ୍ରହଣ କରିପାରି ନ ଥିବା ବେଳେ ସେମାନଙ୍କ ପରବର୍ତ୍ତୀ ରାଜନୈତିକ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

ବିଶିଷ୍ଟ କାଠି କଣ୍ଢେଇ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର ଗୁରୁତର ଅସୁସ୍ଥ ହୋଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ରେ ଭର୍ତି ହୋଇଛନ୍ତି । ତାଙ୍କର ଉନ୍ନତ ସ୍ୱାସ୍ଥ୍ୟ ପାଇଁ ଉନ୍ନତ ଡାକ୍ତରୀ ସୁବିଧା ଅତ୍ୟନ୍ତ ଆବଶ୍ୟକ ହୋଇ ପଡିଛି / ନିକଟରେ ଦୁଇ ପୁତ୍ରଙ୍କୁ ହରାଇ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିବା ୮୯ ବର୍ଷୀୟ ମାଗୁଣି ଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ରାଜ୍ୟସରକର ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି

ଚମ୍ପୁଆରେ ଉପଖଣ୍ଡସ୍ତରୀୟ ଉତ୍କଳ ଦିବସ ପାଳିତ

ଚମ୍ପୁଆ,୨/୪ (ନି/ପ୍ର): ଚମ୍ପୁଆ ସଦର ମହକୁମା ଠାରେ ଉପଖଣ୍ଡ ସ୍ତରୀୟ ଉତ୍କଳ ଦିବସ ପାଳିତ ହୋଇ ଯାଇଛି। ଚମ୍ପୁଆ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ପ୍ରଥମେ ଗାନ୍ଧୀ ଛକ ଠାରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଚମ୍ପୁଆ କୋର୍ଟ ପରିସରରେ ଥିବା ଉତ୍କଳ ମଣି ଗୋପବନ୍ଧୁ ଦାସ ଓ ମଧୁ ବାବୁଙ୍କ ଓ ପରେ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ ଓ ଧୂପ ଦୀପ ପ୍ରଜ୍ୱଳନ କରାଯିବା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର କାର୍ଯ୍ୟକାରୀ ଅଧିକାରୀ ବିଜୟ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ରାଜସ୍ୱ ଅଧିକାରୀ ଫୁଲରାଇ ବେସ୍ରା, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ବରିଷ୍ଠ ସାମ୍ବାଦିକ ରଞ୍ଜନ ପ୍ରଧାନ, ପ୍ରଦୀପ ପ୍ରଧାନଙ୍କ ସମେତ ସ୍ଥାନୀୟ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ଚମ୍ପୁଆ ଓକିଲ ସଂଘ ପକ୍ଷରୁ ସଂଘ ସଭାପତି ହରେକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ କୋର୍ଟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମ୍ମାନ ଜଣାଇ ନିରାଡମ୍ବର ଭାବେ ଉତ୍କଳ ଦିବସ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସମ୍ପାଦକ ରଘୁନାଥ ମହାକୁଡ଼, ସହ ସମ୍ପାଦକ ଜ୍ୟୋତ୍ସ୍ନା ରାଣୀ ମହାନ୍ତ, ଆଇନଜୀବି ରମେଶ ପ୍ରଧାନ, ଅରୁଣ ପତି, ବହୁ ଆଇନଜୀବି ଉପସ୍ଥିତ ଥିଲେ।

ଟ୍ରକ୍ ପଛକୁ ଧକ୍କା ଦେଲା ସ୍କର୍ପିଓ: ଜଗନ୍ନାଥ ଦର୍ଶନ କରିବାକୁ ଯାଉଥିବା ଦୁଇ ଯାତ୍ରୀଙ୍କ ମୃତ୍ୟୁ, ୪ ଗୁରୁତର

ଭଦ୍ରକ,୨/୪ (ନି/ପ୍ର): ଭଦ୍ରକର ୧୬ ନମ୍ବର ଜାତୀୟ ରାଜପଥ ନିକଟସ୍ଥ ନଳାଙ୍ଗ ସାଇ ମନ୍ଦିରଠାରେ ଆଜି ସକାଳେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଯାତ୍ରୀବାହୀ ସ୍କର୍ପିଓ ପଶ୍ଚିମବଙ୍ଗରୁ ପୁରୀ ଅଭିମୁଖେ ଯାଉଥିଲା ବେଳେ ଏକ ଟ୍ରକ୍ କୁ ପଛପଟୁ କାରଟି ଧକ୍କା ଦେଇଥିଲା। କାର ଓ ଟ୍ରକ୍ ଧକ୍କା ହେବା ଫଳରେ ଘଟଣାସ୍ଥଳରେ କାରରେ ଥିବା ଦୁଇ ଜଣ

ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଯାତ୍ରୀ ଗୁରୁତର ଭାବରେ ଆହତ ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ଭଦ୍ରକ ଗ୍ରାମାଂଚଳ ପୁଲିସ ପହଂଚି ମୃତକଙ୍କୁ ଉଦ୍ଧାର କରିବା ସହ ଆହତ ଯାତ୍ରୀମାନଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପଶ୍ଚିମବଙ୍ଗର ଏଇ ଯାତ୍ରୀମାନେ ପୁରୀ ଜଗନ୍ନାଥ ଦର୍ଶନରେ କରିବାକୁ ଯାଉଥିବା ବେଳେ ଏଭଳି ଦୁର୍ଘଟଣାରେ ଶିକାର ହୋଇଛନ୍ତି। ମୃତ ମହିଳାଙ୍କ ନାମ ପମ୍ପା ପରିଡ଼ା ବୋଲି ପରିଚୟ ମିଳିଥିବା ବେଳେ ମୃତ ଡ୍ରାଇଭରଙ୍କର ପରିଚୟ ମିଳି ନାହିଁ। ଆହତମାନଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଭଦ୍ରକ ଗ୍ରାମାଂଚଳ ପୁଲିସ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି।

ସଖିବଟ ଯଜ୍ଞ ପରିଚାଳନା କମିଟିର ବୈଠକ

କେନ୍ଦ୍ରାପଡ଼ା,୨/୪ (ନି/ପ୍ର): ଶ୍ରୀ ବଳଦେବ ସଂସ୍କୃତିର ଅନନ୍ୟ ପୀଠ ବିଲବଳରାମପୁରସ୍ଥିତ ଗୁପ୍ତକ୍ଷେତ୍ର ସଖିବଟରେ ଆଗାମୀ ଦ୍ୱାବିଂଶ ବିଶ୍ୱାଶାନ୍ତି ମହାଯଜ୍ଞ ନିମନ୍ତେ ଯଜ୍ଞ ପରିଚାଳନାକମିଟିର ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ସଂଯୋଜକ ଇଂ ତୀର୍ଥବାସୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପବିତ୍ର ଶ୍ରୀରାମ ନବମୀ ଠାରୁ ସପ୍ତାହବ୍ୟାପୀ ହେବାକୁଥିବା ଉକ୍ତ ଯଜ୍ଞକୁ ସବୁଦିଗରୁ ସଫଳ କରିବା ପାଇଁ କମିଟି ପକ୍ଷରୁ ଦାୟିତ୍ୱ ବଂଟନ କରାଯାଇଥିଲା। ବିଧି ମତେ ଯଜ୍ଞକାର୍ଯ୍ୟ ସହ ସ୍ମରଣିକା ମୁକ୍ତାଗାଥା ଉନ୍ମୋଚନ, ପ୍ରତିଭା ସମ୍ବର୍ଦ୍ଧନା, ଆଧ୍ୟାତ୍ମିକ ନୃତ୍ୟ ସଂଗୀତ ପ୍ରତିଯୋଗିତା ତଥା ଭଜନ ସମାରୋହ ଓ ପ୍ରବଚନ ଆଦି ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ସରକାରୀ ଟ୍ରଷ୍ଟ ବୋର୍ଡ ସଭାପତି ମାର୍ଶାଘାଇ ତହସିଲଦାରଙ୍କ ମାର୍ଗଦର୍ଶନରେ ଯଜ୍ଞର ସମସ୍ତ କାର୍ଯ୍ୟ ସମାପନ ହେବ। ଉକ୍ତ ବୈଠକରେ ସଂଯୋଜକ ଦୀନବନ୍ଧୁ ସ୍ୱାଇଁ, କୋଷାଧ୍ୟକ୍ଷ ଶରତ କୁମାର ପତି ଓ ନରେନ୍ଦ୍ର କୁମାର ତ୍ରିପାଠୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ବୈଷ୍ଣବ ଚରଣ ସ୍ୱାଇଁ, ଅକ୍ଷୟ କୁମାର ପାଣି, ସମୀର ରଞ୍ଜନ ବିଶ୍ୱାଳ, ରାମଚନ୍ଦ୍ର ପ୍ରଧାନ, ଅଭୟ ପତ୍ରି, ସୁଶାନ୍ତ ସାହାଣୀଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ଡା. ପ୍ରଫୁଲ୍ଲ ସାମଲ,

ଗାଁଠାରୁ ୩୫ କିମି ଦୂରରେ ଥାନା: ୮୦ କିମି ଦୂରରେ ତହସିଲ ଅଫିସ୍

କଣିହା,୨/୪ (ନି/ପ୍ର): ଅନୁଗୁଳ ଜିଲ୍ଲାରେ ଏମିତି ବି ଗାଁ ରହିଛି ଯାହା ଛେଣ୍ଡିପଦା ବ୍ଲକ୍‌ରେ ରହିଥିଲା ବେଳେ ତା’ର ଥାନା ରହିଛି କଣିହାଁ ବ୍ଲକ୍‌ରେ। ଗାଁଠାରୁ ଥାନାର ଦୂରତା ପୁଣି ୩୫ କିଲୋମିଟର। ଗାଁରେ ହଠାତ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ କି ଅଘଟଣ ଘଟିଲେ ପୁଲିସ ସବୁଠୁ ବିଳମ୍ବରେ ପହଂଚେ। ଏପରିକି ସାମାନ୍ୟ ମାମଲାରେ ୩୫ କି.ମି. ଦୂରକୁ ଯାଇ ଥାନାରେ ଏତଲା ଦେବାରେ ଲୋକେ ଅଯଥା ହଇରାଣ ହେଉଥିବା କହିଛନ୍ତି। ଏନେଇ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ବି କୌଣସି ଫଳ ମିଳୁ ନଥିବା କହିଛନ୍ତି ଗ୍ରାମବାସୀ। ଛେଣ୍ଡିପଦା ବ୍ଲକ୍ ପାଟକୁମୁଣ୍ଡା ପଂଚାୟତ ଅଧୀନ ସୁନ୍ଦରପାଳ ଗାଁ। ଗ୍ରାମର ଲୋକସଂଖ୍ୟା ପ୍ରାୟ ୬୦୦ ରୁ ଅଧିକ। ଗାଁଠାରୁ ମାତ୍ର ୧୨ କିମି ଦୂରରେ ଛେଣ୍ଡିପଦା ବ୍ଲକ୍ ରହିଛି। ଛେଣ୍ଡିପଦା ବ୍ଲକ୍‌ରେ ବ୍ଲକ୍ କାର୍ଯ୍ୟାଳୟଠାରୁ ଆରମ୍ଭକରି ଥାନା ଓ ଅନ୍ୟ ସରକାରୀ ଅନୁଷ୍ଠାନ ରହିଛି। କିନ୍ତୁ ଏହି ସୁନ୍ଦରପାଳ ଗାଁ ଛେଣ୍ଡିପଦା ଥାନା ଅଧୀନରେ ନରହି ଗାଁଠାରୁ ପ୍ରାୟ ୩୫ କି.ମି. ଦୂର କଣିହାଁ ବ୍ଲକ୍ ରେଙ୍ଗାଳି ଅଧୀନରେ ରହିଛି। ଫଳରେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନା ମୁତାବକ, ଦୀର୍ଘ ବର୍ଷ ଧରି ସୁନ୍ଦରପାଳ ଗାଁ କଣିହାଁ ବ୍ଲକ୍ ବଡ଼ଗୁଣ୍ଡୁରୀ ରାଜସ୍ୱ ସର୍କଲ ଅଧୀନରେ ରହିଥିଲା। ଏହାର ତହସିଲ୍ କାର୍ଯ୍ୟାଳୟ କଣିହାଁରେ ରହିଥିଲା। କିନ୍ତୁ କିଛି ମାସ ହେଲା କଣିହାଁ ତହସିଲ୍‌ରୁ ଛେଣ୍ଡିପଦା ତହସିଲ୍ ଅଧୀନକୁ ଗାଁଟି ଯାଇଥିବା ବେଳେ ଛେଣ୍ଡିପଦା ତହସିଲ୍‌ରେ ଲୋକଙ୍କ କୌଣସି କାମ ହୋଇପାରୁ ନାହିଁ। ଜମି ସଂକ୍ରାନ୍ତୀୟ କାର୍ଯ୍ୟ କିମ୍ବା ଜମିଜମା କିଣାବିକା ପାଇଁ ଗାଁଠାରୁ ପ୍ରାୟ ୮୦ କିଲୋମିଟର ଦୂର ତାଳଚେର ତହସିଲ୍ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଥରେ ତାଳଚେର ଗଲେ ପୂରାଦିନ ନଷ୍ଟ ହେଉଛି ବୋଲି ଲୋକେ କହିଛନ୍ତି। ଗାଡ଼ି ମୋଟର କରି ଶହ ଶହ ଟଙ୍କା ପାଣିରେ ପକାଇବାକୁ ପଡୁଛି ବୋଲି ସେମାନେ କହିଛନ୍ତି। ଛେଣ୍ଡିପଦା ତହସିଲ୍ କାର୍ଯ୍ୟାଳୟରେ ଜମି ରେଜିଷ୍ଟ୍ରେସନ୍ ହୋଇପାରୁନାହିଁ। ସେହିପରି ୧୨କିଲୋମିଟର ଦୂରରେ ଛେଣ୍ଡିପଦା ଥାନା ରହିଥିଲେ ମଧ୍ୟ ଗାଁଠାରୁ ୩୫କିଲୋମିଟର ଦୂର ରେଙ୍ଗାଳି ଥାନାକୁ ଲୋକଙ୍କୁ ଯିବାକୁ ପଡୁଛି। ସରକାର ଗ୍ରାମାଂଚଳର ଲୋକଙ୍କ ପାଇଁ ବିଭିନ୍ନ ପ୍ରକାରର ଲୋକାଭିମୁଖୀ ଯୋଜନା କରୁଛନ୍ତି। ଲୋକଙ୍କ ହାତ ପାହାନ୍ତାରେ ସରକାରୀ ଯୋଜନାର ଫଳ ମିଳୁଥିବା ଡିଣ୍ଡିମ ପିଟା ଚାଲିଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ଓଲଟା ଚିତ୍ର ଏଠାରେ ଦେଖିବାକୁ ମିଳୁଛି। ସୁନ୍ଦରପାଳ ଗାଁ ପୂର୍ବରୁ ତାଳଚେର ନିର୍ବାଚନମଣ୍ଡଳୀ ଅଧୀନରେ ରହିଥିଲା। ପରେ ତାଳଚେର ନିର୍ବାଚନମଣ୍ଡଳୀରୁ ଏହାକୁ ବାଦ୍ ଦେଇ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅଧୀନକୁ ଅଣାଯାଇଥିଲା। ତେବେ ସୁନ୍ଦରପାଳ ଗାଁକୁ ଛେଣ୍ଡିପଦା ଥାନା ଓ ତହସିଲ୍ ଅଧୀନରେ ରଖିବାକୁ ଦାବି ହୋଇଛି।

ସିଦ୍ଧାନ୍ତ, ଅରିନ୍ଦମ ଓ ଆକାଶଙ୍କ ପରେ ବିଜେପିରେ ଯୋଗ ଦେଲେ ଅନୁଭବ

କେନ୍ଦ୍ରାପଡ଼ା,୨/୪ (ନି/ପ୍ର): କେନ୍ଦ୍ରାପଡ଼ା ସାଂସଦ ତଥା ଲୋକପ୍ରିୟ ସିନେ ତାରକା ଅନୁଭବ ମହାନ୍ତି ଆଜି ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଆଜି ଦିଲ୍ଲୀ ବିଜେପି କାର୍ଯ୍ୟାଳୟରେ ଦଳରେ ସାମିଲ ହୋଇଛନ୍ତି ଅନୁଭବ। ଦଳର ବରିଷ୍ଠ ନେତା ବିନୋଦ ତାୱ୍‌ଡ଼େ ଅନୁଭବ ମହାନ୍ତିଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଦୁଇ ଦିନ ତଳେ ଅନୁଭବ ବିଜେଡିରୁ ଇସ୍ତଫା ଦେଇଥିଲେ। ବିଜେଡିରୁ ଇସ୍ତଫା ଦେବା ପରେ ଅନୁଭବ କେଉଁ ଦଳକୁ ଯିବେ ତାହାକୁ ନେଇ ସସପେନ୍ସ ଲାଗି ରହିଥିଲା। କିନ୍ତୁ ଆଜି ଅନୁଭବ ବିଜେପିରେ ମିଶିଛନ୍ତି। କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ନିଜର ଇସ୍ତଫାପତ୍ର ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଥିଲେ। ସେ ବିଜେପିରେ ଯୋଗ ଦେବା ନେଇ ଚର୍ଚ୍ଚା ଚାଲିଥିଲା। ଅନୁଭବ ମହାନ୍ତି ବିଜେଡିରୁ ଇସ୍ତଫା ଦେବା ସହ ଲେଖିଥିଲେ ଦଳ ମୁଖିଆଙ୍କୁ ଦେଖା କରିବାର ସୁଯୋଗ ମିଳୁନାହିଁ। ବାପାଙ୍କ ଦେହାନ୍ତ ପରେ ଦଳ ତରଫରୁ କୌଣସି ସମବେଦନା ମିଳିଲା ନାହିଁ। ତେବେ ବିଜେଡି ଛାଡ଼ିଥିଲେ ମଧ୍ୟ ଚଳିତ ନିର୍ବାଚନ ସେ ନିଶ୍ଚୟ ଲଢ଼ିବେ ବୋଲି କହିଥିଲେ । ୨୭ ଏପ୍ରିଲ ୨୦୧୩ରେ ବିଜେଡିରେ ସାମିଲ ହୋଇଥିଲେ ଅନୁଭବ। ୨୦୧୪ର ବିଜେଡି ଟିକେଟରେ ରାଜ୍ୟସଭା ସାଂସଦ ହୋଇଥିଲେ। ସର୍ବକନିଷ୍ଠ ରାଜ୍ୟସଭା ସାଂସଦ ଥିଲେ ଅନୁଭବ ମହାନ୍ତି। ତେବେ ୨୦୧୯ରେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ମଇଦାନକୁ ଅନୁଭବଙ୍କୁ ଓହ୍ଲାଇଥିଲା ବିଜେଡି। ବିଜେପିର ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ବିପକ୍ଷରେ ଅନୁଭବଙ୍କୁ ପ୍ରାର୍ଥୀ କରିଥିଲା ଦଳ। ସେ ବୈଜୟନ୍ତଙ୍କୁ ପରାସ୍ତ କରି କେନ୍ଦ୍ରାପଡ଼ା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ଗତ କିଛି ବର୍ଷ ହେବ ବିଜେଡି ତାଙ୍କୁ ଅଣଦେଖା କରିଚାଲିଥିଲା।

ପଶ୍ଚିମବଙ୍ଗ ମାନଚିତ୍ରରେ ଓଡ଼ିଶା ଗାଁ ଶଙ୍ଖାମେଦି: ଓଡ଼ିଶାକୁ ଫେରିବାକୁ ବ୍ୟଗ୍ର ଗ୍ରାମବାସୀ



ଜଳେଶ୍ୱର,୨/୪ (ନି/ପ୍ର): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅନଳିଆ ପଂଚାୟତ ଅଧୀନରେ ଥିବା ଶଙ୍ଖାମେଦି ଗାଁ ଏବେ ପଶ୍ଚିମବଙ୍ଗ ମାନଚିତ୍ରରେ। ଓଡ଼ିଶା ଭୂଖଣ୍ଡରେ ଥିବା ଉକ୍ତ ଗାଁ’କୁ ରାଜ୍ୟ ସରକାର ସବୁପ୍ରକାର ସୁବିଧା ଦେଉଛନ୍ତି। ହେଲେ ବିଡ଼ମ୍ବନା, ଗାଁ’ରୁ ପଶ୍ଚିମବଙ୍ଗ ସରକାର ଭୂ-ରାଜସ୍ୱ ଆଦାୟ କରୁଛି। ଗାଁ ଲୋକଙ୍କ ମନପ୍ରାଣ ସବୁ ଓଡ଼ିଶାରେ। ଓଡ଼ିଶା ଆମ ମା’, ଓଡ଼ିଆ ଆମ ମାତୃଭାଷା, ଆମେ ମା’ କୋଳରେ ରହିବାକୁ ଚାହୁଁ ବୋଲି ଶଙ୍ଖାମେଦି ଗ୍ରାମବାସୀ ବାରମ୍ବାର ନିବେଦନ କରୁଛନ୍ତି। ଅଥଚ ଶଙ୍ଖାମେଦି ଗାଁକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ କେ ?ଣସି ଠୋସ୍ ପଦକ୍ଷେପ ନିଆଯାଉନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ୧୯୨୨ ମସିହା ମେଜର ସେଟଲ୍‌ମେଂଟ ରିପୋର୍ଟ ଆଧାରକ୍ରମେ ୧୯୨୭-୨୮ରେ ଯେଉଁ ନକ୍ସା ପ୍ରକାଶ ପାଇଥିଲା, ସେଥିରେ ଶଙ୍ଖାମେଦି ଗାଁ ଥିଲା ଓଡ଼ିଶାର। ୧୯୩୧ ମସିହାରୁ ୧୯୫୬ ଯାଏ, ଉକ୍ତ ଗାଁରୁ ଓଡ଼ିଶା ସରକାର ଖଜଣା ଆଦାୟ କରି ଆସୁଥିଲେ। କିନ୍ତୁ ୧୯୫୭ ମସିହାରୁ ଓଡ଼ିଶା ସରକାର ହଠାତ ଏହି ଗାଁରୁ ଖଜଣା ଆଦାୟ ବନ୍ଦ କରିଦେଲେ। ଏହାର ଠିକ୍ ବର୍ଷକ ପରେ ପଶ୍ଚିମବଙ୍ଗ ରାମନଗରସ୍ଥିତ କନିଷ୍ଠ ଭୂସଂସ୍କାର ଅଧିକାରୀ ଖଜଣା ପୈଠ କରିବାକୁ ଗ୍ରାମବାସୀଙ୍କୁ ନୋଟିସ୍ ଜାରିକଲେ। ହେଲେ ଗାଁ ଲୋକେ ଜିଦ୍ ଧରି କହିଥିଲେ, ଆମେ ଓଡ଼ିଶାର। ଖଜଣା ଓଡ଼ିଶା ସରକାରଙ୍କୁ ଦେବୁ। ୧୯୬୦ ମସିହାରେ ପଶ୍ଚିମବଙ୍ଗର ଅଧିକାରୀ ଗାଁକୁ ଆସି ବଳପୂର୍ବକ ଲୋକଙ୍କ ଘରେ ପଶିବା ସହ ଜମିଜମା ରେକର୍ଡ, ଓଡ଼ିଶା ନକ୍ସା ନେଇଗଲେ। ଏହି ଅନ୍ୟାୟ ବିରୋଧରେ ଭୋଗରାଇର ତତ୍କାଳୀନ ଲକ୍ଷ୍ମୀପାଟଣା ଫାଣ୍ଡିରେ ଶଙ୍ଖାମେଦି ଗ୍ରାମବାସୀ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପୁଲିସ କିଛି ଶୁଣି ନଥିଲା। ସେହିଦିନରୁ ଦୀର୍ଘ ୬ ଦଶନ୍ଧି ଧରି ଉକ୍ତ ଗାଁର ମାଲିକାନା ପଶ୍ଚିମବଙ୍ଗ ସରକାରଙ୍କ ହାତକୁ ଚାଲିଯାଇଛି। କିନ୍ତୁ ଶଙ୍ଖାମେଦି ଗ୍ରାମବାସୀଙ୍କ ମନ ଓ ପ୍ରାଣ ଏବେ ବି ଓଡ଼ିଶାରେ। ନିଜ ରାଜ୍ୟ ଓଡ଼ିଶାରେ ରହିବା ପାଇଁ ୬୦ ଦଶକରୁ ସେମାନେ ସବୁପ୍ରକାର ଉଦ୍ୟମ କରି ଆସୁଛନ୍ତି। କିନ୍ତୁ ସେମାନଙ୍କର ଏହି ନ୍ୟାଯ୍ୟ ଦାବି ପୂରଣ ଦିଗରେ କୌଣସି ସ୍ତରରେ ପଦକ୍ଷେପ ନିଆଯାଉନାହିଁ ବୋଲି କହିଛନ୍ତି ଗ୍ରାମର ବରିଷ୍ଠ ନାଗରିକ ନାରାୟଣ ଜେନା ଓ ୱାର୍ଡସଭ୍ୟ ଅଜୟ ଜେନା। ୧୯୫୪ ମସିହାରୁ ଏହି ଗାଁରେ ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି। ଏବେ ଶଙ୍ଖାମେଦି ଗାଁର ଅଧିବାସୀ ଭୋଗରାଇ ବ୍ଲକ୍ ଅନଳିଆ ପଂଚାୟତ ଓ ପଶ୍ଚିମବଙ୍ଗର ବାଧିଆ ପଂଚାୟତର ଭୋଟର ତାଲିକାରେ ଦ୍ୱେ ?ତ ଭୋଟର ଭାବେ ରହିଛନ୍ତି। ୧୯୯୦ରୁ ଏହି ଗାଁକୁ ଓଡ଼ିଶା ସରକାର ବିଜୁଳି ଯୋଗାଉଛନ୍ତି। ୨୦୧୮ ଅକ୍ଟୋବର ୨ ତାରିଖରେ ବାଲେଶ୍ୱର ଜିଲ୍ଲା ଜଳ ଓ ପରିମଳ ମିସନ ପକ୍ଷରୁ ଏହି ଗାଁକୁ ବାହ୍ୟ ମଳମୁକ୍ତ ଗାଁ ଭାବେ ଘୋଷଣା କରାଯାଇଛି। ଓଡ଼ିଶା ସରକାର ଓ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଗାଁରେ ପୃଥକ୍ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଖୋଲାଯାଇଛି। ଗ୍ରାମବାସୀ ରାସନ୍ ସାମଗ୍ରୀ ୨ ରାଜ୍ୟରୁ ପାଉଥିବା ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ଗାଁରେ ପାନୀୟଜଳ ଓ ଗମନାଗମନ ସୁବିଧା କରାଯାଇଛି। ତେବେ ପଶ୍ଚିମବଙ୍ଗରୁ ଗ୍ରାମବାସୀ ବିଶେଷ ସୁବିଧା ପାଉ ନଥିଲେ ମଧ୍ୟ ଓଡ଼ିଶା ସରକାର ଯେତିକି ସହାୟତା ଯୋଗାଉଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ ବୋଲି କହିଛନ୍ତି ପ୍ରାକ୍ତନ ୱାର୍ଡସଭ୍ୟା ଗୌରୀରାଣୀ ଜେନା। ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ୁଥିବା ଛାତ୍ରଛାତ୍ରୀଙ୍କୁ ଜାତି ପ୍ରମାଣପତ୍ର ମିଳୁନଥିବା ମଧ୍ୟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଫଳରେ ଓଡ଼ିଆ ସ୍କୁଲରେ ଉପସ୍ଥାନ କମି କମି ଆସୁଛି। ୨୦୧୧ ମସିହା ମେ ମାସ ୯ ତାରିଖରେ ଶଙ୍ଖାମେଦି ପ୍ରାଥମିକ ବିଦ୍ୟାଳୟ ନୂଆ ଘର ଉଦ୍‌ଘାଟନ ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସୁରେନ୍ଦ୍ରନାଥ ନାୟକ ଯୋଗ ଦେଇ ଶଙ୍ଖାମେଦି ଓଡ଼ିଶାର ବୋଲି କହିଥିଲେ। ୨୦୦୫ ମସିହାରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ଭୋଗରାଇ ଗସ୍ତରେ ଆସିଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ନାରାୟଣ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସଂପୃକ୍ତ ଗାଁକୁ ଓଡ଼ିଶାକୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ଲାଗି ଦାବି ଉପସ୍ଥାପନ କରିଥିଲେ। ସେହିପରି ୯୦ ଦଶକରେ ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତତ୍କାଳୀନ ରାଜସ୍ୱମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ ଓ ପଂଚାୟତିରାଜ ମନ୍ତ୍ରୀ ଦାମୋଦର ରାଉତ ଶଙ୍ଖାମେଦି ଗାଁକୁ ଯାଇ ଲୋକଙ୍କ ଆପତ୍ତି, ଅଭିଯୋଗ ଶୁଣିଥିଲେ। ୨୦୦୧ରେ ତତ୍କାଳୀନ ରାଜସ୍ୱମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ବାଲେଶ୍ୱର ଜିଲ୍ଲାପାଳ ତଥା ଅନ୍ୟ ପଦାଧିକାରୀଙ୍କ ଗହଣରେ ସମୀକ୍ଷା କରି ଏହି ଗାଁର ସବିଶେଷ ବିବରଣୀ ନେବା ସହ ଶଙ୍ଖାମେଦିକୁ ଓଡ଼ିଶାକୁ ଫେରାଇ ଅଣାଯିବ ବୋଲି କହିଥିଲେ।

ବିବିଧା

ଆଲୋକ ଯନ୍ତ୍ରରେ କୀଟ ନିୟନ୍ତ୍ରଣ

[illegible]

[illegible]

ହାଇଟେକ୍ କୁଣ୍ଡ



[illegible]

ଆର୍ଦ୍ରତା ବୃଦ୍ଧି ପାଇଁ 'ଅଣ୍ଡା ଖତ'

[illegible]

ଟମାଟୋ ସହ ତୁଳସୀ ଚାଷ



[illegible]

ମକା ଗାଁ

[illegible]

କୃଷି ପାଣିପାଗ

[illegible]

ଡେଲିଭରୀ ବୟରୁ ସଫଳ ମାଣ୍ଡିଆ ଚାଷୀ

[illegible]

[illegible]

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୩ ଏପ୍ରିଲ ୨୦୨୪

ରାଷ୍ଟ୍ରବାଦ ଏକ ଦୁଇପଟର ଧାର ଥିବା ଖଣ୍ଡା

ବିଗତ କିଛି ବର୍ଷ ହେବ ଭାରତ ସମେତ ବିଶ୍ୱର ଅନେକ ଦେଶରେ ଶାସକ ଗୋଷ୍ଠୀଙ୍କ ଦ୍ୱାରା ଦୁଇଟି ବିଚାରକୁ ପ୍ରୟାସ ପୂର୍ବକ ପ୍ରାଥମିକତା ଦିଆଯାଉଛି । ଏ ଦୁଇଟି ବିଚାରକୁ ମଧ୍ୟ ଲୋକଙ୍କ ମନରେ ପୁରାଇ ଦିଆଯାଉଛି । ଏ ଦୁଇଟି ବିଚାର ବା ଦୁଇଟି ଶବ୍ଦ ହେଉଛି ରାଷ୍ଟ୍ରବାଦ ଓ ଦେଶଭକ୍ତି । କହିବାକୁ ଗଲେ ଏ ଦୁଇଟି ଶବ୍ଦ ବା ବିଚାର ସକାରତ୍ମକତା ଏବଂ ଗୌରବବୋଧର ପରିଚାୟକ । ଏଇଥିପାଇଁ ଏହା ସକାରତ୍ମକ ଓ ଗୌରବ ର ପରିଚାୟକ ଯେ ରାଷ୍ଟ୍ରବାଦ ର ଦମ୍‌ରେ ଶହ ଶହ ଛୋଟ ଛୋଟ ରାଜ୍ୟରେ ବାଟିଂ ହୋଇଥିବା ଭାରତକୁ ଏକଜୁଟ କରାଯାଇପାରିଛି । ଏହାର ଆଧାରରେ ସ୍ୱାଧିନତା ଆନ୍ଦୋଳନ ହୋଇଛି ଓ ଦେଶ ମଧ୍ୟ ସ୍ୱାଧିନ ହୋଇଛି । ଏପରିକି ଦେଶ ସ୍ୱାଧିନ ହେବାପରେ ଦେଶରେ ଥିବା ବହୁଳତାବାଦୀ ସମାଜକୁ ରାଜନୈତିକ ଚାପରେ ଏକଜୁଟ କରାଯାଇପାରିଛି । କିନ୍ତୁ ଏହା ହେଉଛି ଗୋଟିଏ ପାର୍ଶ୍ୱ । ଏକଥା ମଧ୍ୟ ସତ୍ୟ ଯେ ଏହି ରାଷ୍ଟ୍ରବାଦ ନାମରେ ହିଟଲର ସାମ୍ରାଜ୍ୟବାଦର ଖେଳ ଖେଳିଥିଲେ ଏବଂ ଲକ୍ଷ ଲକ୍ଷ ଇହୁଦୀଙ୍କୁ ହତ୍ୟା କରିଥିଲେ । ରାଷ୍ଟ୍ରବାଦ ଏକ ଦୁଇପଟରେ ଧାରଥିବା ଖଣ୍ଡା ବୋଲି କହିବାକୁ ହେବ ଯାହାର ଗୋଟିଏ ପଟ ଉତ୍କଟ ନିଷ୍ଠାକୁ ଜନ୍ମ ଦେଇଥାଏ ଓ ଅପର ପଟଟି ବିଦ୍ୱେଶ ଭାବ ସୃଷ୍ଟି କରାଇଥାଏ । ସ୍ପଷ୍ଟ ଅର୍ଥ ହେଉଛି ଶାସକ ଚାହିଁଲେ ଜନତାଙ୍କ ହିତ ସାଧନ ପାଇଁ ଏହାର ସଦୁପଯୋଗ କରିପାରିବେ ନହେଲେ ନିଜର ସ୍ୱାର୍ଥ ସାଧନ ପାଇଁ ଏହାର ଦୁରୁପଯୋଗ ମଧ୍ୟ କରିପାରିବେ । ଏଣୁ ଏହି ଶବ୍ଦ ବା ବିଚାରକୁ ଗଭୀର ଭାବେ ବୁଝିବାର ଆବଶ୍ୟକତା ରହିଛି । ରାଷ୍ଟ୍ରବାଦର ଉତ୍ପତ୍ତି 'ରାଷ୍ଟ୍ର' ଶବ୍ଦରୁ ହୋଇଛି । ରାଷ୍ଟ୍ରର ଅବଧାରଣା ମଧ୍ୟ ଅଧିକ ପୁରୁଣା ନୁହେଁ । ଏହା ଏକ ଆଧୁନିକ ସଂକଳ୍ପନା, କିନ୍ତୁ ଖୁବ୍ କମ୍ ସମୟ ମଧ୍ୟରେ ବିଶ୍ୱ ସମୁଦାୟ ଏହି ଶବ୍ଦକୁ ଗ୍ରହଣ କରିନେଇଛି । ରାଷ୍ଟ୍ରର ଅର୍ଥ ହେଉଛି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ରହୁଥିବା ଲୋକଙ୍କର ଏମିତି ଏକ ଗୋଷ୍ଠୀ ଯେଉଁମାନଙ୍କର ଜାତି ଗୋଟିଏ, ଇତିହାସ ମଧ୍ୟ ଗୋଟିଏ, ସଂସ୍କୃତି ଗୋଟିଏ ଏବଂ ଭାଷା ମଧ୍ୟ ଗୋଟିଏ । ଧର୍ମକୁ ରାଷ୍ଟ୍ରର ବୁନିଆଦି ଆଧାର ବୋଲି ମାନ୍ୟତା ଦିଆଯାଇନାହିଁ । ତଥାପି ଏହି ଆଧାରରେ ରାଷ୍ଟ୍ରର ନିର୍ମାଣ ମଧ୍ୟ ହୋଇଛି । ଭାରତର ବିଭାଜନ କଥାରୁ ଏକଥା ସ୍ପଷ୍ଟ । ପ୍ରଶ୍ନ ଉଠିପାରେ ଯେ ଯଦି ଜାତି, ଇତିହାସ, ସଂସ୍କୃତି ଏବଂ ଭାଷାର ସମନ୍ୱୟରେ ରାଷ୍ଟ୍ର ନିର୍ମାଣ ହୋଇଥାଏ ତେବେ ରାଷ୍ଟ୍ରକୁ ସବୁବେଳେ ଏକଜୁଟ ରଖିବାରେ ଏସବୁ ମାନଙ୍କ ସଫଳ ହୁଏ ନାହିଁ କାହିଁକି ? ଅନ୍ୟପକ୍ଷରେ ଭାରତ ସମେତ ଅନେକ ଏମିତି ରାଷ୍ଟ୍ର ରହିଛି ଯେଉଁ ସବୁ ରାଷ୍ଟ୍ରରେ ଅନେକ ଭାଷା-ଭାଷି, ଜାତି ଓ ଧର୍ମାବଲମ୍ବୀ ରହୁଛନ୍ତି ତଥାପି ଦେଶ ଏକଜୁଟ ହୋଇରହିଛି । ତେବେ କେଉଁ କାରଣ ପାଇଁ ଏମାନେ ରାଷ୍ଟ୍ର ରୁପରେ ଏକଜୁଟ ହୋଇରହିଛନ୍ତି ? କଥା ହେଉଛି, ରାଷ୍ଟ୍ର ଏକ କାଳ୍ପନିକ ସମୁଦାୟ, ଯିଏ ନିଜର ସଦସ୍ୟମାନଙ୍କ ସାମୁହିକ ବିଶ୍ୱାସ, ଆକାଂକ୍ଷା, କଳ୍ପନା ଏବଂ ଅତୀତକୁ ନେଇ ଗୋଟିଏ ସୂତ୍ରରେ ବନ୍ଧା ହୋଇଥାଏ । ରାଷ୍ଟ୍ରବାଦ ଭାରତୀୟ ଚିନ୍ତନର ଉତ୍ପତ୍ତି ନୁହେଁ । ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦି ମଧ୍ୟରେ ୟୁରୋପରେ ଏହି ରାଷ୍ଟ୍ରବାଦ ବିଚାରର ଉତ୍ପତ୍ତି ହୋଇଥିଲା । ଜନ୍ ଗଟଫ୍ରେଡ୍ ହର୍ଡର ହେଉଛନ୍ତି ରାଷ୍ଟ୍ରବାଦ ବିଚାରର ଜନକ ଯିଏ ସର୍ବପ୍ରଥମେ ଏହି ଶବ୍ଦର ପ୍ରୟୋଗ କରି ଜର୍ମାନୀରେ ରାଷ୍ଟ୍ରବାଦର ମୂଳଦୁଆ ପକାଇଥିଲେ । ରାଷ୍ଟ୍ରବାଦ ଶବ୍ଦର ସ୍ପଷ୍ଟ ପରିଭାଷା ମଧ୍ୟ ପ୍ରସ୍ତୁତ କରାଯାଇପାରି ନାହିଁ । ଅନେକଙ୍କ ମତରେ ରାଷ୍ଟ୍ରବାଦ ହେଉଛି ଲୋକଙ୍କର ଗୋଟିଏ ଗୋଷ୍ଠୀର ଆସ୍ଥାର ନାମ ଅଟେ ଯାହାକୁ ନେଇ ସେମାନେ ସମାନ ଇତିହାସ, ପରମ୍ପରା, ଭାଷା ଜାତିୟତା ବା ଜାତିବାଦ ଏବଂ ସଂସ୍କୃତିର ଆଧାରରେ ଏକଜୁଟ ହୋଇଥାନ୍ତି । ପ୍ରଫେସର ସ୍ନାଇଡ଼ରଙ୍କ ମତରେ ଇତିହାସର ଏକ ବିଶେଷ ପର୍ଯ୍ୟାୟରେ ରାଜନୈତିକ, ଆର୍ଥୀକ, ସାମାଜିକ ଓ ବୌଦ୍ଧିକ କାରଣର ଏକ ଉତ୍ପାଦ ହେଉଛି ରାଷ୍ଟ୍ରବାଦ । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କର ରାଷ୍ଟ୍ରବାଦ ପ୍ରସଙ୍ଗରେ ଚିନ୍ତନ ବ୍ୟାପକ ଅଟେ । ସେ ମଧ୍ୟ ଅନେକ ସମୟରେ ଓ ସାର୍ବଜନିକ ମଚଂରେ ରାଷ୍ଟ୍ରବାଦ ପ୍ରସଙ୍ଗରେ ତାଙ୍କ ମତ ରଖିଛନ୍ତି । ତାଙ୍କ ମତକୁ ଅନେକେ ସମାଲୋଚନା ମଧ୍ୟ କରିଛନ୍ତି କିନ୍ତୁ ସେ ତାଙ୍କ ମତରୁ ଓହରି ନଥିଲେ । ସମ୍ଭବତଃ ବିଶ୍ୱକବି ରାଷ୍ଟ୍ରବାଦ ର କୁପରିଣାମ ସମ୍ପର୍କରେ ଆକଳନ କରିପାରିଥିଲେ । ୧୯୧୭ ମସିହାରେ ଏକ ସାର୍ବଜନିକ ମଚଂରେ ଭାଷଣ ଦେଇ ବିଶ୍ୱକବି କହିଥିଲେ ଯେ "ରାଷ୍ଟ୍ରବାଦ ରାଜନୈତିକ, ଆର୍ଥୀକ ଏବଂ ସଂଗଠନାତ୍ମକ ଆଧାରରେ ଉତ୍ପାଦନ ବୃଦ୍ଧି ଏବଂ ମାନବୀୟ ଶ୍ରମର ସଚଂୟ କରି ଅଧିକ ସମ୍ପନ୍ନତା ହାସଲ କରିବାର ପ୍ରୟାସ ଅଟେ ।" ରାଷ୍ଟ୍ରବାଦର ଧାରଣା ମୂଳତଃ ରାଷ୍ଟ୍ରର ସମୃଦ୍ଧି ଏବଂ ରାଜନୈତିକ ଶକ୍ତିବୃଦ୍ଧି ପାଇଁ ବ୍ୟବହାର କରାଯାଉଛି । ଶକ୍ତିବୃଦ୍ଧିର ଏହି ସଂକଳ୍ପନାରେ ଦେଶରେ ବା ରାଷ୍ଟ୍ରରେ ପରସ୍ପର ମଧ୍ୟରେ ଦ୍ୱେଷ, ଘୃଣା ଏବଂ ଭୟର ବାତାବରଣ ସୃଷ୍ଟି କରାଯାଇ ମାନବ ଜୀବନକୁ ଅସ୍ଥିର ଏବଂ ଅସୁରକ୍ଷିତ କରିଦିଆଯାଉଛି । ଏହାକୁ ସିଧାସଳଖ ଭାବରେ ମାନବ ଜୀବନ ସହିତ ଖେଳ ବୋଲି କୁହାଯାଇପାରେ । କାରଣ ରାଷ୍ଟ୍ରବାଦ ର ଏହି ଶକ୍ତିର ପ୍ରୟୋଗ ବାହ୍ୟ ଶକ୍ତିଙ୍କ ପାଇଁ ତ ବ୍ୟବହାର କରାଯାଏ ଏଥିସହ ରାଷ୍ଟ୍ରର ଆଭ୍ୟନ୍ତରୀଣ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏହି ଶକ୍ତିର ପ୍ରୟୋଗ କରାଯାଇଥାଏ । ଏଭଳି ସ୍ଥିତିରେ ସମାଜ ଏବଂ ବ୍ୟକ୍ତିର ଜୀବନ ଉପରେ ଏହି ଶକ୍ତି ଭାରି ପଡ଼ିଯାଇଥାଏ ଓ ଏକ ଭୟାବହ ନିୟନ୍ତ୍ରଣକାରୀ ସ୍ୱରୁପ ଭାବେ ଉଭା ହୋଇଥାଏ । ଦୁର୍ବଳ ଏବଂ ଅସଂଗଠିତ ପଡ଼ୋଶୀ ରାଜ୍ୟକୁ ଅଧିକାର କରିବାର ଉଦ୍ୟମ ରାଷ୍ଟ୍ରବାଦର ହିଁ ସ୍ୱଭାବିକ ପ୍ରତିଫଳନ । ଏଥିରୁ ସୃଷ୍ଟ ସାମ୍ରାଜ୍ୟବାଦକୁ ଅନ୍ତତଃ ମାନବତା ର ସଂହାରକ ବୋଲି କୁହାଯାଇପାରେ । ଯେଉଁ ରାଷ୍ଟ୍ରବାଦକୁ ବିଶ୍ୱକବି ମାନବତା ପାଇଁ ବିପଦ ବୋଲି କହୁଥିଲେ ତାହା ଠିକ୍ ବୋଲି ପ୍ରମାଣିତ ହୋଇଥିଲା । ରାଷ୍ଟ୍ରବାଦ ନାମରେ ୧୯୩୯ ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ଏବଂ ୧୯୪୫ରେ ହିରୋସିମା ନାଗାସାକିରେ ବୋମା ମାଡ଼ ଏହାର ପ୍ରକୃଷ୍ଟ ଉଦାହରଣ । ବିଶ୍ୱକବି ଲେଖିଛନ୍ତି ଯେ, "ରାଷ୍ଟ୍ରବାଦ ଜନିତ ସଂକୀର୍ଣ୍ଣତା ମଣିଷର ପ୍ରାକୃତିକ ସ୍ୱଚ୍ଛନ୍ଦତା ଏବଂ ଆଧାତ୍ମିକ ବିକାଶରେ ବାଧା ସୃଷ୍ଟି କରିଥାଏ । ଏଭଳି ରାଷ୍ଟ୍ରବାଦ ଯୁଦ୍ଧ ଉନ୍ମାଦକ ଏବଂ ସମାଜ ବିରୋଧି ହୋଇଥାଏ କାରଣ ରାଷ୍ଟ୍ରବାଦ ନାମରେ ଶାସକ ଶକ୍ତିର ଅନିୟନ୍ତ୍ରିତ ପ୍ରୟୋଗ କରିଥାନ୍ତି ଯେଉଁଥିପାଇଁ ଅନେକ ଅପରାଧ ଜନ୍ମ ନେଇଥାଏ ।" ରାଷ୍ଟ୍ରବାଦ ଏବଂ ଦେଶଭକ୍ତିକୁ ସାଧାରଣତଃ ସମାନ ଅର୍ଥରେ ନିଆଯାଇଥାଏ କିନ୍ତୁ ଏ ଦୁଇ ଶବ୍ଦର ଅର୍ଥରେ ପାର୍ଥକ୍ୟ ରହିଛି ।

ଚିନ୍ମୟ ଚେତନା : ଲାଭଦାୟକ ପର ଚର୍ଚ୍ଚା



ନିକଟରେ ଆମେରିକାର ଦୁଇ ସୁନାମଧନ୍ୟ ଷ୍ଟାନ୍ ?ଫୋର୍ଡ ଓ ମାରିଲ୍ୟାଣ୍ଡ୍ ? ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ପାଦିତ ଏକ ଗବେଷଣା ଅନୁସାରେ ଦିନକୁ ଘଟାଂଏ ଲେଖାଏଁ ପର ଚର୍ଚ୍ଚା ସବୁ ଦିଗରୁ ଲାଭଦାୟକ ହୋଇଥାଏ । ଗବେଷକମାନଙ୍କ ନିର୍ଯାସ ଅନୁସାରେ ପର ଚର୍ଚ୍ଚା ଆମକୁ ପାରିପାର୍ଶ୍ୱିକ ପରିବେଶକୁ ବୁଝିବାରେ ସାହାଯ୍ୟ କରିଥାଏ । ଏହା ଦ୍ୱାରା ଜଣେ ବ୍ୟକ୍ତିର ସାମାଜିକ ଖ୍ୟାତି ପ୍ରସାରିତ ହୋଇଥାଏ, ଏହା ଲୋକଙ୍କୁ ସାମାଜିକ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରେ, ଘନିଷ୍ଠତା ବଢ଼ାଏ ଏବଂ ସମବୟସ୍କମାନଙ୍କ ମଧ୍ୟରେ ମତ ବିନିମୟକୁ ଉତ୍ସାହିତ କରେ । ଜଣେ ବିଶେଷଜ୍ଞଙ୍କ କହିବା ଅନୁସାରେ ଉଭୟ ସକାରାତ୍ମକ ଓ ନକାରାତ୍ମକ ଚର୍ଚ୍ଚା ଗୁରୁତ୍ୱପୂର୍ଣ୍ଣ, କାରଣ ଜଣେ ନୂଆ ବ୍ୟକ୍ତି ସହ ମିଶିବା ଏବଂ ତାଙ୍କୁ ନିଜ ଗୋଷ୍ଠୀରେ ସାମିଲ କରିବା ଉଚିତ କି ନୁହେଁ ସେ ନେଇ ଜରୁରୀ ସୂଚନା ଏଭଳି ଚର୍ଚ୍ଚାରୁ ମିଳିଥାଏ । ଏହାର ଅର୍ଥ ସୀମା ଭିତରେ ଥିଲେ ଚୁଗୁଲି ବ୍ୟକ୍ତି ଓ ସମାଜ ପାଇଁ ହିତକର । ଭଲ କଥା, ହେଲେ ଏଇ କଥାକୁ ଏତେ ବୁଦ୍ଧିଆ ବିଶାରଦମାନେ ସମୟ ଓ ଅର୍ଥ ବିନିଯୋଗ କରି ପ୍ରମାଣିତ କରିବା କ'ଣ ଦରକାର ଥିଲା ? ଆଜିକାଲି ମଜାଳିଆ ଓ ଅବାନ୍ତର ଲାଗୁଥିବା ଏମିତି ଅନେକ ଗବେଷଣା ବିଷୟରେ ଶୁଣିବାକୁ ମିଳୁଛି । ଏଇ ଯେମିତି, ''ବେଶୀ ଆରାମ କଲେ ମଣିଷ ପୃଥୁଳ ହୋଇଯିବାର ସମ୍ଭାବନା ରହିଛି'', କିମ୍ବା ''କଦଳୀ ଚୋପା ଉପରେ ପାଦ ପକାଇଲେ ପାଦ ଖସରି ଯାଏ'' ଇତ୍ୟାଦି । ଗବେଷକ ଥରେ କଦଳୀ ଚୋପା ଉପରେ ପାଦ ପକାଇଦେଲେ ତ ସେ ତାଙ୍କର ନିଷ୍କର୍ଷ ପ୍ରମାଣ ସହ ପାଇ ଯାଆନ୍ତେ; ଏତେ ଗଭୀର ତନ୍ନ ଭିତରକୁ ଯିବାର ବା କି ଦରକାର ? ସେ ଯାହା ବି ହେଉ ଏ ଆଲେଖ୍ୟର ବିଷୟବସ୍ତୁ ଗବେଷଣା ନୁହେଁ, ପର ଚର୍ଚ୍ଚା । ତେଣୁ ସେଠାକୁ ଫେରିବା ଉଚିତ ହେବ । ପର ଚର୍ଚ୍ଚା ଯଦି ଲାଭଦାୟକ ବା ହିତକର ହୋଇ ନଥାନ୍ତା, ତେବେ ତାହା କାଳ କାଳ ଧରି ସବୁ ସମାଜରେ ଏତେ ଲୋକପ୍ରିୟ ହୋଇ ରହନ୍ତା କେମିତି ଟିକେ ଚିନ୍ତା କଲେ ! ଦୁଇଟି ଗବେଷଣା (ପୁଣି ସେହି ଗବେଷଣା !)ର ନିଷ୍କର୍ଷରୁ ଜଣାପଡ଼ିଛି ଯେ ମଣିଷ ପିଲା ପାଁ ବର୍ଷ ବୟସରୁ ପର ଚର୍ଚ୍ଚା କରିବା ଆରମ୍ଭ କରିଦିଏ ତଥା ଆମମାନଙ୍କର ବାର୍ତ୍ତାଳାପର ଶତକଡ଼ା ଷାଠିଏ ଭାଗ ଯାଏ ପର ଚର୍ଚ୍ଚାରେ । ସବୁ ଧର୍ମ ଏହି ଗୁଣଟିର ଭର୍ତ୍ସନା କରିବା ସତ୍ତ୍ୱେ ମଣିଷ ସେ ସବୁ ନୀତିବାଣୀକୁ ଭ୍ରୁକ୍ଷେପ ନ କରିବା ସୂଚେଇ ଦିଏ ଯେ ଚୁଗୁଲି କରିବା ମଣିଷ ଜାତି ପାଇଁ ଏକ ଉପକାରୀ ଅଭ୍ୟାସ । 'ପଦ୍ମ ପୁରାଣ'ରେ ଲେଖା ଅଛି ଯେଉଁମାନେ ପର ନିନ୍ଦା କରନ୍ତି ନାହିଁ, ସେମାନେ ହିଁ ପ୍ରକୃତ ବୈଷ୍ଣବ । 'ମନୁ ସଂହିତା' ନିର୍ଦ୍ଧାରିତ ଦଶଟି କାମଜ ଦୋଷ ମଧ୍ୟରୁ ପର ନିନ୍ଦା ଅନ୍ୟତମ । ଆମ ଦେଶର ପଁତନ୍ତ୍ର, ଲୋକ କଥା, ଢଗଢମାଳି ତଥା ବାବାମାନଙ୍କର ପ୍ରବଚନ ଇତ୍ୟାଦିରେ ଭରି ରହିଛି ପର ଚର୍ଚ୍ଚା ପ୍ରତିକୂଳ ଉପଦେଶାବଳୀ । ଖ୍ରୀଷ୍ଟ ଧର୍ମ ପର ଚର୍ଚ୍ଚାକୁ ତିରସ୍କାର କରେ । ବାଇବେଲରେ ଲେଖା ଅଛି ''ଯେଉଁମାନେ ପର ଚର୍ଚ୍ଚା କରନ୍ତି ସେମାନେ ମୃତ୍ୟୁର ଯୋଗ୍ୟ'' (ରୋମାନ୍ ?ସ୍ ୧:୨୯) । କୁହନ୍ତୁ ନା, ଚତୁର୍ଦ୍ଦିଗରୁ ଏତିକି ତୀବ୍ର ବିରୋଧ ମଧ୍ୟ ଚୁଗୁଲି ପ୍ରତି ସାଧାରଣ ମଣିଷର ଦୁର୍ବାର ଆକର୍ଷଣକୁ ଟିକିଏ ବି କମାଇ ପାରିଛି କି ? ସଂଜ୍ଞା ଅନୁସାରେ ଦୁଇ ଜଣ ଲୋକ ଯଦି ତୃତୀୟ ଲୋକଟିର ଅନୁପସ୍ଥିତିରେ ତା'ର ବ୍ୟକ୍ତିଗତ ବିଷୟ ଆଲୋଚନା କରନ୍ତି, ତାହା ପର ଚର୍ଚ୍ଚାର ଶ୍ରେଣୀଭୁକ୍ତ । ଆଉ ଏମିତି ପରିସ୍ଥିତି ମିଳିଗଲେ ଅଧିକାଂଶ ଲୋକଙ୍କର ଚୁଗୁଲିର ଲାଳ ଟପଟପ ହୋଇ ବହିବା ଆରମ୍ଭ କରିଦିଏ । ପର ଚର୍ଚ୍ଚା ପାଇଁ ଦୁର୍ବଳତା ସ୍ତ୍ରୀ ଜାତିର ଅଧିକ ବୋଲି ଏକ ପାରମ୍ପରିକ ଧାରଣା ରହିଆସିଛି । ଦୁଇ ଜଣ ମହିଳା ଏକତ୍ର ହେଲେ ଅନ୍ୟମାନଙ୍କର ଛିଦ୍ର ଖୋଜିବା ଆରମ୍ଭ ହୋଇଯାଏ ବୋଲି ଲୋକେ କହନ୍ତି । 'ମାଇପି ବିଚାର' ଭଳି ଶବ୍ଦ ପ୍ରୟୋଗ ହେଉ କି 'ଏ ଘର ମାଉସୀ ସେ ଘର ପିଉସୀ' ଭଳି ଢଗ ହେଉ, ପର ଚର୍ଚ୍ଚା ଓ ଛିଦ୍ରନ୍ୱେଷଣର ଅପବାଦ ସବୁବେଳେ ମହିଳାଙ୍କ ମୁଣ୍ଡରେ ଲଦି ଦିଆଯାଏ । ଏହି ଧାରଣାକୁ ଆହୁରି ଦୃଢ଼ କରେ ଅକ୍ଷୟ ମହାନ୍ତିଙ୍କ ପ୍ରସିଦ୍ଧ ପଦ, ''ମାଇପିଙ୍କ କାମ ହେଲା, ଖାଲି ମିଟିଙ୍ଗି, ମିଟିଙ୍ଗି, ମିଟିଙ୍ଗି ।'' ଅତୀତରେ ମହିଳାମାନେ ଚାକିରି ନ କରି ମୁଖ୍ୟତଃ ଗୃହ କର୍ମରେ ଲିପ୍ତ ରହୁଥିଲେ ଓ ସ୍ୱାମୀ ତଥା ପିଲାମାନେ ଅଫିସ ଓ ସ୍କୁଲକୁ ଯିବା ପରେ ସେମାନେ ହାତରେ କିଛି ସମୟ ପାଇଯାଉଥିଲେ । ସେହି ଅବକାଶ ସମୟର ମନୋରଞ୍ଜନ ଥିଲା ଏହି ଗପସପ । ଆଜି କିନ୍ତୁ ପୁରୁଷମାନେ ଏ ଗୁଣରେ ଆଉ ପଛରେ ପଡ଼ି ନାହାନ୍ତି । ଅଫିସଗୁଡ଼ିକର କ୍ୟା[ନ ଆଜି ପର ଚର୍ଚ୍ଚାରେ ପୁରୁଣା ଦିନର ପୋଖରୀ ତୁଠ ଆଉ ସହରୀ ମହିଳାଙ୍କ କିଟି ପାର୍ଟି ସ୍ଥଳଠୁଁ ବି ବେଶୀ ଚଳଚଁଳ । ବସ୍, ବସ୍ ?ଙ୍କ ପାଖ କର୍ମଚାରୀ ତଥା ତାଙ୍କ ପାଖ ହେବାକୁ ଚେଷ୍ଟାରତ ସହକର୍ମୀମାନଙ୍କ ବିଷୟରେ ଟାହିଟାପରାରେ କର୍ମଚାରୀଙ୍କ ଦିନଟି ଭଲରେ କଟିଯାଏ । ପର ଚର୍ଚ୍ଚାର ସବୁଠୁ ବଡ଼ ପ୍ରୟୋଗ କ୍ଷେତ୍ର ରାଜନୀତି ଓ ଏହା ଉତ୍କର୍ଷ ଲାଭ କରେ ନିର୍ବାଚନ ସରଗରମ ଭିତରେ । ରାଜନୀତିର ଚଳଚଁଳତା ଓ କ୍ଷଣଭଙ୍ଗୁରତା ଭିତରେ ଅକାଳେ ବନ୍ଧୁ ହୁଏ ଶତ୍ରୁ, ଭାଇ ହୁଏ ପ୍ରତିଦ୍ୱନ୍ଦ୍ୱୀ; ତେଣୁ ନିଜ ଲୋକର ଗୋପନ କଥା ପରିଣତ ହୁଏ ପର ନିନ୍ଦାରେ । ମିଥ୍ୟା ଓ ଅର୍ଦ୍ଧସତ୍ୟକୁ ଆଧାର କରି ତିଆରି ହୁଏ ନୂଆ ନୂଆ ମସାଲାଦାର ମିଥ୍ୟା ଅପବାଦ । ଏସବୁ କାହାଣୀରେ ମସଗୁଲ ହୁଅନ୍ତି ସାଧାରଣ ଜନତା, ନୂଆ ନିନ୍ଦା ଶୁଣିବାକୁ ତାଙ୍କର କର୍ଣ୍ଣକଣ୍ଡୁ ଜାତ ହୁଏ । ଆଜିର ସାମାଜିକ ଗଣମାଧ୍ୟମ ଯୁଗରେ ପର ଚର୍ଚ୍ଚାର ଉତ୍ପାଦନ ଶୈଳୀ ଉନ୍ନତତର ଓ ଅଧିକ ତ୍ୱରାନ୍ୱିତ ହୋଇଛି । କାନ କୁହା କଥା ଧୀରେ ଧୀରେ ପରିଣତ ହୋଇଥାଏ ଗୁଜବରେ, ଆଉ ଏହା ବେଳେ ବେଳେ ଭୟଙ୍କର ରୂପ ମଧ୍ୟ ନେଇଥାଏ । ମହିଳାମାନଙ୍କର ମନୋରଞ୍ଜନ, ରାଜନୀତିଜ୍ଞଙ୍କ ବୃତ୍ତି ଜନିତ ଆବଶ୍ୟକତା ଆଉ ଅଫିସ କର୍ମଚାରୀଙ୍କର କାର୍ଯ୍ୟ ଚାପରୁ ଉପଶମ- ବାସ୍ତବିକ ପର ଚର୍ଚ୍ଚା ସବୁ ବର୍ଗର ଲୋକଙ୍କ ପାଇଁ ଲାଭଦାୟକ ଥିଲା ଓ ରହିବ ମଧ୍ୟ । ଉପର ବର୍ଣ୍ଣିତ ଗବେଷକମାନେ ଜଣା କଥାକୁ ଦୋହରାଇ ଦେଲେ ଯାହା !

ହିନ୍ଦୁ ବିରୋଧୀ ଆମାଜନ

- ସର୍ବେଶ୍ୱର ବେହେରା -

ଦେଶର ୭୩ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆମାଜନ ଅନ୍‌ଲାଇନ ବିକ୍ରୟ ଉତ୍ପାଦନ ସାମଗ୍ରୀରେ ତ୍ରିରଙ୍ଗା ରାଷ୍ଟ୍ରଧ୍ୱଜକୁ ଘୋର ଅପମାନ କରିଛି । ଆମାଜନ ଜୋତା, ପୁରୁଷ ଏବଂ ମହିଳାଙ୍କ ପୋଷାକ (ଟି-ସାର୍ଟ)ରେ ତ୍ରିରଙ୍ଗା ରାଷ୍ଟ୍ର ଧ୍ୱଜରେ ରଙ୍ଗୀନ କରି ବିକ୍ରୟ କରୁଛି । ଏହା କୋଟି କୋଟି ଭାରତୀୟମାନଙ୍କ ପାଇଁ ଅତ୍ୟନ୍ତ ପୀଡ଼ାଦାୟକ ଘଟଣା । ଭାରତର ଶ୍ରଦ୍ଧାକେନ୍ଦ୍ର ଓ ମାନବିନ୍ଦୁ ରାଷ୍ଟ୍ରଧ୍ୱଜକୁ ପାଦର ଜୋତାରେ ସ୍ଥାନିତ କରି ବିକ୍ରୟ କରିବା ଏକ ଧର୍ତ୍ତବ୍ୟ ଅପରାଧ । ଏହା ଭାରତୀୟ ପିଙ୍ଗଳ କୋର୍ଡ ଓ ରାଷ୍ଟ୍ର ଧ୍ୱଜ ସଂହିତାର ଧାରାକୁ ବିରୁଦ୍ଧାଚରଣ କରୁଛି । ଏଣୁ ଆମାଜନ କମ୍ପାନୀର ମୁଖ୍ୟ ପରିଚାଳକ (ସିଇଓ) ଜେଫ ବେଜୋସଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ ହେବା ଆବଶ୍ୟକ । ଆମାଜନ ଏପରି କୁକାର୍ଯ୍ୟ ପ୍ରଥମ ଥର କରୁନାହିଁ । ପୂର୍ବରୁ ମଧ୍ୟ ଅନେକ ଥର ତାର ବିକ୍ରୟ ସାମଗ୍ରୀରେ ହିନ୍ଦୁ ଦେବୀଦେବତାଙ୍କ ସ୍ଥାନିତ କରି ହିନ୍ଦୁମାନଙ୍କୁ ଘୋର ମାନସିକ ଆଘାତ ପ୍ରଦାନ କରିଛି । ୨୦୧୯ ମସିହାରେ ଆମାଜନ ହିନ୍ଦୁ ଦେବୀଦେବତାଙ୍କ ଫଟୋ ପାଇଖାନା ଉପରେ ଓ ପା'ପୋଛ (ଡୋରମ୍ୟାଟ୍‌ସ)ରେ ସ୍ଥାନିତ କରି ବଜାରରେ ବିକ୍ରୟ କରିଥିଲା । ଏହାକୁ ନେଇ ଭାରତରେ ତଥା ବିଦେଶରେ ଥିବା ବହୁ ହିନ୍ଦୁମାନେ ଘୋର ଆପତ୍ତି କରିଥିଲେ । କିନ୍ତୁ ଆମାଜନ ଏହାକୁ ପ୍ରତ୍ୟାହାର କରି ନଥିଲା । କେବଳ ସେତିକି ନୁହେଁ, ଆମାଜନ ପୁରୁଷ ଓ ମହିଳାଙ୍କ ଅନ୍ତର୍ବସ୍ତ୍ରରେ ହିନ୍ଦୁ ଦେବାଦେବୀଙ୍କୁ ସ୍ଥାନୀତ କରି ବଜାରରେ ବିକ୍ରୟ କରିଥିଲା । ଅନ୍ତର୍ବସ୍ତ୍ର (ଅଣ୍ଡରୱେୟାର)ରେ 'ଓଁ' ଚିହ୍ନିତ କରି ବଜାରରେ ବିକ୍ରୟ କରିଥିଲା । ମହିଳାମାନଙ୍କର ବିକିନିରେ ହିନ୍ଦୁ ଦେବୀଦେବତା 'ଓଁ' ସମ୍ମୁଖ ଭାଗରେ ରଖି ବଜାରରେ ବିକ୍ରି କରିଥିଲା । ସେହିପରି ୨୦୧୭ ମସିହାରେ ଆମାଜନ କାନାଡ଼ାରେ ଭାରତୀୟ ତ୍ରିରଙ୍ଗା ରାଷ୍ଟ୍ରଧ୍ୱଜକୁ ପା'ପୋଛରେ ସ୍ଥାନିତ କରିଥିଲା । ସେତେବେଳେ କାନାଡ଼ାରେ ଥିବା ହିନ୍ଦୁମାନେ ଦୃଢ ସ୍ୱର ଉତ୍ତୋଳନ କରି ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟର ଦୃଷ୍ଟି ଆକର୍ଷଣ କରିଥିଲେ । ଭାରତ ସରକାରଙ୍କ ବିଦେଶ ବିଭାଗ ସେତେବେଳେ ଆମେରିକା ଓ କାନାଡ଼ାର ସରକାରଙ୍କୁ ଦୂରଭାଷ ଯୋଗେ ଯୋଗାଯୋଗ କରିଥିଲେ । ଆମେରିକା ଓ କାନାଡ଼ା ସରକାରଙ୍କ ହସ୍ତକ୍ଷେପ ଯୋଗୁଁ ଆମାଜନ ଏହାକୁ ପ୍ରତ୍ୟାହାର କରିଥିଲା । କିନ୍ତୁ ଆମାଜନ ବାରମ୍ବାର ଏପରି ହିନ୍ଦୁ ବିରୋଧୀ ଆଚରଣ ଜାରୀ ରଖିଛି । ବଡ଼ ଆଶ୍ଚର୍ଯ୍ୟର କଥା ଆମାଜନ ୨୦୨୦ ମସିହାରେ ଅନ୍‌ଲାଇନରେ ଗଞ୍ଜେଇ ଆମ ଦେଶରେ ବିକ୍ରୟ କରୁଥିଲା । ଏହାର ମୁଖ୍ୟପରିଚାଳକଙ୍କ ବିରୁଦ୍ଧରେ ଏଥିପାଇଁ ଏନ.ଡ଼ି.ପି.ଏସ ଆକ୍ଟରେ ଆପରାଧିକ ମାମଲା ରୁଜୁ ହୋଇଛି । ଏପର୍ଯ୍ୟନ୍ତ ଏହା ଅଦାଲତରେ ଅବିଲମ୍ବିତ ଅଛି । ଗତ ଜାନୁଆରୀ ୨୫ ତାରିଖରେ ମଧ୍ୟପ୍ରଦେଶର ଗୃହମନ୍ତ୍ରୀ ଶ୍ରୀ ନରୋତ୍ତମ ମିଶ୍ର ଆମାଜନର ମୁଖ୍ୟ ପରିଚାଳକ ଜେଫ ବେଜୋସଙ୍କ ବିରୁଦ୍ଧରେ ଭାରତୀୟ ରାଷ୍ଟ୍ରଧ୍ୱଜ ସଂହିତା ଆଚରଣ ଧାରାରେ ମୋକଦ୍ଦମା ରୁଜୁ କରିବା ପାଇଁ ରାଜ୍ୟର ପୁଲିସ ମୁଖ୍ୟଙ୍କୁ ଆଦେଶ ଦେଇଛନ୍ତି । ତାଙ୍କ ମତରେ ରାଷ୍ଟ୍ର, ରାଷ୍ଟ୍ରୀୟତା ଓ ରାଷ୍ଟ୍ରର ମାନବିନ୍ଦୁ ବିରୁଦ୍ଧରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି ତାହା ଗ୍ରହଣଯୋଗ୍ୟ ନୁହେଁ । ଏଣୁ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ । ଆମାଜନ ଏକ ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀ । ଏହାର ପ୍ରାୟ ହଜାର ହଜାର ଉତ୍ପାଦନ ସାମଗ୍ରୀ ବିଶ୍ୱର ବହୁ ଦେଶରେ ଅନ୍‌ଲାଇନ ମାଧ୍ୟମରେ ବିକ୍ରୟ ହେଉଛି । ଭାରତ ଏକ ବୃହତ ବଜାର । ଭାରତରେ କୋଟି କୋଟି ଜନତା ଦୈନିକ ବଜାରରୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ କରୁଛନ୍ତି । ଆଜି ଅନ୍‌ଲାଇନରେ ବଜାର କରିବା ଏକ ଫେସନ ହୋଇଗଲାଣି । ଘରେ ରହି ମୋବାଇଲ ଫୋନରେ ନିଜ ମନମୁତାବକ ସାମଗ୍ରୀ ଚୟନ କରି କ୍ରୟ କରିବାର ଏକ ଧାରା ଦେଶରେ ଦେଖାଦେଇଛି । ବଜାରକୁ ଯାଇ ଯେଉଁ ମୂଲ୍ୟରେ କ୍ରୟ କରିବା ଓ ଅନ୍‌ଲାଇନରେ ଯଦି ସେହି ମୂଲ୍ୟରେ ଘରେ ବସି ସାଧାରଣ ଜନତାଙ୍କୁ ମିଳୁଛି ତାହାକୁ ଆଧୁନିକ ଜନସମାଜ ସହିତ ମଧ୍ୟବିତ୍ତ ଜନତା ମଧ୍ୟ ଗ୍ରହଣ କରୁଛନ୍ତି । ଏହାର ଫାଇଦା ଆମାଜନ ନେଉଛି । ମନୁଷ୍ୟର ସମସ୍ତ ପ୍ରକାରର ଆବଶ୍ୟକୀୟ ସାମଗ୍ରୀ ଆମାଜନ ବିକ୍ରୟ କରୁଛି । ଦୂରଦର୍ଶନରେ ବହୁଳ ବିଜ୍ଞାପନ ମାଧ୍ୟମରେ ସାଧାରଣ ଜନତାଙ୍କୁ ଆକୃଷ୍ଟ କରୁଛି । ଡ଼ାଲି, ଚାଉଳ ଠାରୁ ଆରମ୍ଭ କରି ଆକର୍ଷଣୀୟ ପୋଷାକ ପର୍ଯ୍ୟନ୍ତ ସମସ୍ତ ପଦାର୍ଥ ଅନ୍‌ଲାଇନରେ ଆମାଜନ ବିକ୍ରୟ କରୁଛି । ଆମାଜନ ୧୯୯୪ ମସିହା ଜୁଲାଇ ୫ ତାରିଖରେ ଆମେରିକାର ୱାସିଂଟନ ଠାରେ ଜେଫ ବେଜୋସଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ଧୀରେ ଧୀରେ ଏହାର ବ୍ୟବସାୟ ବିଶ୍ୱରେ ପ୍ରସାରିତ ହେଲା । ଏହାର ମୁଖ୍ୟ କାର୍ଯ୍ୟାଳୟ ଏବେ ସିଆଟେଲଠାରେ ଅବସ୍ଥିତ । ଏହାର ଏବେ ବାର୍ଷିକ କାରବାର ୩୮,୬୦୬ କୋଟି ଟଙ୍କାର ହେଉଛି । ଆମାଜନ ଭାରତରେ ଶତକଡ଼ା ୩୩ଭାଗ କାରବାର ଭାରତରେ କରୁଛି । ଆମାଜନ ଭାରତୀୟ ବଜାରରେ ତା'ର ଜାଲ ସର୍ବତ୍ର ବିଛାଇ ରଖିଛି । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି, ଯଦି ଭାରତ ବଜାରରୁ ଆମାଜନ ବିପୁଳ ପରିମାଣରେ ରୋଜଗାର କରୁଛି, ତେବେ ଭାରତର ରାଷ୍ଟ୍ରୀୟତା ଓ ମାନବିନ୍ଦୁ ଉପରେ ନିରନ୍ତର ପ୍ରହାର କାହିଁକି କରୁଛି ? ୨୦୧୪ ମସିହା ପରଠାରୁ ଭାରତରେ ଏକ ରାଷ୍ଟ୍ରୀୟତାର ପ୍ରବାହ ଦେଖା ଦେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ପ୍ରୟାସ' ଫଳରେ ସମଗ୍ର ଦେଶର ଜନସାଧାରଣଙ୍କ ମନ ମଧ୍ୟରେ ରାଷ୍ଟ୍ରଭକ୍ତିର ଭାବନା ଉଦ୍ରେକ ହେଉଛି । ଏହାକୁ କେତେକ ବିରୋଧୀ ଦଳ, ଟୁକ୍‌ଡେ ଟୁକ୍‌ଡେ ଗ୍ୟାଙ୍ଗ, ସହରୀ ନକ୍ସଲ ଓ ସର୍ବୋପରି ରାଷ୍ଟ୍ରବିରୋଧୀ ଶକ୍ତିମାନେ ସହ୍ୟ କରିପାରୁ ନାହାନ୍ତି । ଏମାନେ ମୋଦୀଙ୍କୁ ବିରୋଧ କରିବା ସହିତ ରାଷ୍ଟ୍ରବିରୋଧୀ କାର୍ଯ୍ୟ ମଧ୍ୟ କରୁଛନ୍ତି । ସେମାନଙ୍କୁ ଆମାଜନର ଏହି ରାଷ୍ଟ୍ରୀୟତା ବିରୋଧୀ କାର୍ଯ୍ୟ ପସନ୍ଦ ହେଉଛି । ଏଣୁ ସେମାନେ ହିନ୍ଦୁ ଦେବୀଦେବତାଙ୍କୁ ଅପମାନ କରୁଥିବା ସାମଗ୍ରୀକୁ କ୍ରୟ କରିବାରେ କୁଣ୍ଠାବୋଧ କରୁନାହାନ୍ତି । ଆଧୁନିକ ମହିଳାମାନେ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସରେ ତ୍ରିରଙ୍ଗା ରାଷ୍ଟ୍ରଧ୍ୱଜର ଶାଢ଼ୀ ଓ ପୋଷାକ ପରିଧାନ କରି ଫଟୋ ସୁଟ୍ କରୁଛନ୍ତି । ପରେ ଏହାକୁ ହାତ ପାଦରେ ଦଳି ସଫା କରି ରାଷ୍ଟ୍ରଧ୍ୱଜକୁ ଅପମାନ କରୁଛନ୍ତି । ମୋଦୀ ବିରୋଧୀ ଓ ରାଷ୍ଟ୍ର ବିରୋଧୀ କାର୍ଯ୍ୟ ଯେତେ ବୃଦ୍ଧି ହେଉଛି ଆମାଜନର ହିନ୍ଦୁ ଦେବୀଦେବତାଙ୍କ ଫଟୋ ଲଗା ସାମଗ୍ରୀ, ପୋଷାକ, ଅନ୍ତଃବସ୍ତ୍ର, ପା'ପୋଛ ସେତେ ଅଧିକ ବିକ୍ରି ହେଉଛି । ହିନ୍ଦୁତ୍ୱ ବିରୋଧୀ ଶକ୍ତିଙ୍କ ପସନ୍ଦଯୋଗ୍ୟ ଅନଲାଇନ୍ ସପିଂ ଆମାଜନରେ ହୋଇଛି । ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ କାରଣ ହେଲା ବିଶ୍ୱର ବିକଶିତ ରାଷ୍ଟ୍ର ଗୁଡ଼ିକ ଭାରତର ନିକଟରେ ହେଉଥିବା ବିକାଶକୁ ସହ୍ୟ କରିପାରୁ ନାହାନ୍ତି । ଏବେ ଭାରତର ବିକାଶ ତାର ରାଷ୍ଟ୍ରୀୟତାର ଜାଗରଣରେ ହେଉଛି । ଭାରତ ମୋଦୀ ଶାସନରେ ବିଶ୍ୱର ଚତୁର୍ଥ ମହାଶକ୍ତି ରୂପେ ଉଭା ହେଉଛି । ଏଣୁ ଭାରତୀୟ ବିଚାରକୁ ଅବଦମିତ କରିବା ପାଇଁ ବିଶ୍ୱରେ ବହୁ ପ୍ରଚେଷ୍ଟା ହେଉଛି । ଭାରତରେ ମୋଦୀ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ନୀତିକୁ ବିରୋଧ କରିବା ପାଇଁ ତଥା ଦୀର୍ଘଦିନ ଧରି ଏହା ବିରୁଦ୍ଧରେ ଆନ୍ଦୋଳନ ଜାରୀ ରଖିବା ପାଇଁ ବିଦେଶରୁ ବିପୁଳ ଅର୍ଥ ଆଗମନ ହେଉଛି । ଭାରତରେ ବହୁତ ରାଷ୍ଟ୍ରବିରୋଧୀ ଶକ୍ତି ତଥା ଏନଜିଓ ଏହାର ହାତବାରିସୀ ହୋଇ କାର୍ଯ୍ୟ କରୁଛନ୍ତି । ଏମାନଙ୍କ ଏକମାତ୍ର ଲକ୍ଷ୍ୟ ମୋଦୀ ବିରୋଧ ଓ ରାଷ୍ଟ୍ରୀୟତା ବିରୋଧ । ସେଥିପାଇଁ ଗତ ସେପ୍ଟେମ୍ବର ୧୧ ତାରିଖରେ ଆମେରିକାର ୱାସିଂଟନ ଠାରେ 'ଡ଼ିସମେଟାଲିଂ ଗ୍ଲୋବାଲ ହିନ୍ଦୁତ୍ୱ' ଉପରେ ସେମିନାର ଆୟୋଜନ ହୋଇଥିଲା । ଭାରତ ବିରୋଧୀ ଶକ୍ତିମାନଙ୍କ ଦ୍ୱାରା ହିନ୍ଦୁତ୍ୱ ବିରୋଧୀ ଆଲୋଚନାଚକ୍ରକୁ ବିଦେଶରେ ଏହିପରି ଆୟୋଜନ କରାଯାଉଛି । ପ୍ରକାଶ ଥାଉକି ସେପ୍ଟେମ୍ବର ୧୧ ତାରିଖ ୧୮୯୩ ମସିହାରେ ସ୍ୱାମୀ ବିବେକାନନ୍ଦ ସିକାଗୋଠାରେ ହିନ୍ଦୁତ୍ୱ ଉପରେ ସାରଗର୍ଭକ ଭାଷଣ ଦେଇଥିଲେ । ହିନ୍ଦୁତ୍ୱ ବିରୋଧୀ ଶକ୍ତି ଗୁଡ଼ିକ ସେହିଦିନକୁ ଚୟନ କରି ଆଲୋଚନାଚକ୍ର ଆୟୋଜନ କରିଥିଲେ । ଏହିପରି ବିଦେଶରେ ଭାରତ ବିରୋଧୀ ହିନ୍ଦୁତ୍ୱ ବିଚାରକୁ ସମାଲୋଚନା କରାଯାଉଛି । ଆମାଜନ କେବଳ ସେମାନଙ୍କ କ୍ରୀଡ଼ନକ ସାଜିଛି । ଏଣୁ ଏବେ ସମୟ ଆସିଛି ସମସ୍ତ ଭାରତୀୟ ଜାଗ୍ରତ ହେବା ଆବଶ୍ୟକ । ଏହି ଚକ୍ରାନ୍ତକୁ ହୃଦୟଙ୍ଗମ କରି ଆମାଜନର ସମସ୍ତ ଉତ୍ପାଦିତ ବସ୍ତୁକୁ ବହିଷ୍କାର କରିବା ଆବଶ୍ୟକ ।

ପ୍ରାକ୍ ନିର୍ବାଚନ ପରିପ୍ରେକ୍ଷୀରେ ଶାସନକଳର ସ୍ୱରୂପ, ପ୍ରଗତି ନା ଦୁର୍ଗତୀ ପଥେ

ଭଦ୍ରକ : ଭଦ୍ରକର ପୁରାତନ ବୌଦ୍ଧିକ ଅନୁଷ୍ଠାନ ଚିନ୍ତନଚକ୍ରର ୧୪୮ ତମ ଆଲୋଚନା ଚକ୍ର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ତଥା ସୁସାହିତ୍ୟିକ ଶ୍ରୀ ମଦନମୋହନ ମହାକୁଡ଼ଙ୍କ ସଭାପତିତ୍ୱରେ ଭଦ୍ରକ ସହିଦ୍‌ଭବନ ପରିସରରେ ଥିବା ଭଦ୍ରକ କ୍ଲବ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ "ନିର୍ବାଚନ ପରିପ୍ରେକ୍ଷୀରେ ଶାସନକଳର ସ୍ୱରୂପ ପ୍ରଗତି ନା ଦୁର୍ଗତୀ ପଥେ" ଶୀର୍ଷକ ପ୍ରବନ୍ଧ ଭଦ୍ରକ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ତଥା ଅବସରପ୍ରାପ୍ତ ଶିକ୍ଷାଜିଲ୍ଲା ଅଧିକାରୀ ଗୟାଧର ପଣ୍ଡା ପାଠ କରିଥିଲେ । ପ୍ରବନ୍ଧଟି ପୂର୍ବକାଳର ଶାସନବ୍ୟବସ୍ଥା, ମଧ୍ୟଯୁଗୀୟ ଶାସନ ବ୍ୟବସ୍ଥା ଏବଂ ସାମ୍ପ୍ରତିକ ଶାସନବ୍ୟବସ୍ଥା ଉପରେ ଏକ ସଂକ୍ଷିପ୍ତ ତୁଳନାତ୍ମକ ବିବରଣୀ ସହିତ ପ୍ରାକ୍ ନିର୍ବାଚନ ପରିପ୍ରେକ୍ଷୀରେ ଶାସନକଳର ସ୍ୱରୂପ କିପରି ହୋଇଥାଏ ଏବଂ ଶାସନ ଦାୟିତ୍ୱରେ ଥିବା ଜନପ୍ରତିନିଧି ମାନେ ପୁନଃ ନିର୍ବାଚିତ ହେବା ଆଶା ଓ ଆକାଂକ୍ଷାରେ ନିର୍ବାଚନକୁ ଆଖି ଆଗରେ ରଖି ଶାସନକଳକୁ କିପରି ଭାବେ ସଦୁପଯୋଗ ବା ଦୁରୁପଯୋଗ କରିଥାନ୍ତି ଏବଂ ତାହାର ପରିଣାମ ଦେଶ ବା ରାଜ୍ୟକୁ ପ୍ରଗତି ପଥରେ ନା ଦୁର୍ଗତୀ ପଥରେ ନେଇଥାଏ ତାହା ଉପରେ ପର୍ଯ୍ୟବେଶିତ ଥିଲା । ବିଷୟବସ୍ତୁଟି ବହୁ ଆଲୋଚନାସାପେକ୍ଷ ଥିବାରୁ ଭଦ୍ରକ ସହରର ପ୍ରମୁଖଃ ବୁଦ୍ଧିଜୀବୀ ଯଥା ଲଲାଟେନ୍ଦୁ ମହାନ୍ତି, ବିଶିଷ୍ଟ ଅଧିବକ୍ତା ନିତ୍ୟାନନ୍ଦ ଦାସ, ଇଂରାଜୀ ବିଭାଗର ପ୍ରାଧ୍ୟାପକ ଡ. ଗୋଲକବିହାରୀ ସାହୁ, ଭଦ୍ରକ ସର୍ବୋଦୟ ମଣ୍ଡଳର ସଭାପତି ଶ୍ରୀ ଅମର ପାଣିଗ୍ରାହୀ, ବାବୁଲାଲ ଦାସ, ନାରାୟଣ ଚନ୍ଦ୍ର ପାଢ଼ି, ଗୋଲକ ମଲ୍ଲିକ,

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**
Mobile : 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**
CITY OFFICE: B/204, SECTOR-16, ROURKELA, Pin :769003

ସମ୍ବଲପୁର ସମାଚାର

କଦମପଡା ଶିଶୁମନ୍ଦିରରେ "ଉତ୍କଳ ଦିବସ" ପାଳିତ

ବଲାଙ୍ଗିର ,୨/୪(ନି/ପ୍ର): କଦମପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ "ଉତ୍କଳ ଦିବସ" ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ସଭାପତି ଡ.ଭବାନୀଶଙ୍କର ପଟେଲ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ସ୍ୱାଗତ ସଙ୍ଗୀତରେ ଛାତ୍ରୀ ସାକ୍ଷୀପ୍ରଜ୍ଞା ନାଏକ,ଅରୁଣିମା ଗୁରୁ,ଅଙ୍କିତା ସାଏ,ଶ୍ରୀମୟୀ ପଣ୍ଡା, ମୋନିକା ମହାପାତ୍ର ଗାନ କରିଥିଲେ । ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା ମଂଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଶିଶୁବକ୍ତା ସୁଶ୍ରୀ ସ୍ୱାତୀ ଦାଶ,ଇପସିତା ଅପରାଜିତା ସାହୁ ଉତ୍କଳ ଦିବସର ମାହାତ୍ମ୍ୟ ତଥା ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜୀବନୀ ବର୍ଣ୍ଣନା କରିଥିଲେ । ସଂଯୋଜନା ଛାତ୍ରୀ ସାକ୍ଷୀପ୍ରଜ୍ଞା ନାଏକ ଓ ସମୀକ୍ଷା ବେଦବାକ କରିଥିଲେ । ମୁଖ୍ୟବକ୍ତା ବିଦ୍ୟାଳୟର ସଂପାଦକ ତରଣୀସେନ ପଟେଲ ନିଜ ବକ୍ତବ୍ୟ ଦେଇ ଓଡିଆ ଜାତିର ମହାନତା ତଥା ଓଡିଶା ପ୍ରଦେଶର ଐକକରଣ ଉପରେ ଆଲୋକପାତ କରିଥିଲେ । ପରେ ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା ସାମ୍ପ୍ରତିକ ଓଡିଶାର ସ୍ଥିତି ତଥା ଶିଶୁଙ୍କ କର୍ତବ୍ୟ ପ୍ରତି ସଚେତନ କରାଇଥିଲେ । ସଭାପତି ମଧ୍ୟ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ଏହାପରେ ସାମୁହିକ ଭାବରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଗାନ ହୋଇଥିଲା । ପରେ ଗତବର୍ଷ ୨୦୨୩-୨୪ର ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀର ବାର୍ଷିକ ଫଳାଫଳ ପ୍ରକାଶିତ ହୋଇଥିଲା ।ମଂଚାସୀନ ଅତିଥିଙ୍କ ମଧ୍ୟରେ ସଭାପତି ଡ.ଭବାନୀ ଶଙ୍କର ପଟେଲ, ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା,ସଂପାଦକ ତରଣୀସେନ ପଟେଲ ଉପସ୍ଥିତ ଥିଲେ ।ଧନ୍ୟବାଦ ଅର୍ପଣ ଶିକ୍ଷୟତ୍ରୀ ମମତା ଭୋଇ ପ୍ରଦାନ କରିଥିଲେ । ଶିକ୍ଷକ ପଂଚାନନ ସାଙ୍କ ସଂଚାଳନରେ କାର୍ଯ୍ୟକ୍ରମଟି ସଫଳତା ସହ ସମ୍ପର୍ଣ୍ଣ ହୋଇଥିଲା ।

ଛତିଶଗଡ଼ ପୁଲିସକୁ ବଡ଼ ସଫଳତା : ଯବାନଙ୍କ ଗୁଳିରେ ୪ ମାଓବାଦୀ ନିହିତ

ମାଲକାନଗିର,୨/୪ (ନି/ପ୍ର): ଛତିଶଗଡ଼ ପୁଲିସକୁ ମିଳିଛି ବଡ଼ ସଫଳତା । ଯବାନଙ୍କ ଗୁଳିରେ ୪ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ଘଟଣା ସ୍ଥଳରୁ ଏସଏମଜି, ୟୁବିଜିଏଲ ପରି ଅତ୍ୟାଧୁନିକ ମାରଣାସ୍ତ୍ର ଜବତ ହୋଇଛି । ସୁକୁମା-ବିଜାପୁର ସୀମାବର୍ତ୍ତୀ ଗାଂଗାଲୁର ଜଂଗଲରେ ଏହି ଗୁଳି ବିନିମୟ ହୋଇଛି । ମାଲକାନଗିରି ସୀମାନ୍ତରେ ପୁଣି ନକ୍ସଲଙ୍କୁ ଟାର୍ଗେଟ କଲେ ସୁରକ୍ଷାକର୍ମୀ । ବିଜାପୁର ଜିଲ୍ଲାର ଗାଙ୍ଗଲୁର ଥାନା ଅଂଚଳରେ ପୁଲୁସ ଓ ନକ୍ସଲ ମଧ୍ୟରେ ଗୁଳିବିନିମୟ । ଏହି ଗୁଳିବିନିମୟରେ ୪ ଜଣ ନକ୍ସଲ ମୃତ୍ୟୁବରଣ କରିଛନ୍ତି । ବିପୁଳ ପରିମାଣର ମାଓ ସାମଗ୍ରୀ ସହ ବନ୍ଧୁକ ଜବତ ହୋଇଛି । ବିଶେଷ ସୂତ୍ରରୁ ଖବର ପାଇ ଗାଙ୍ଗଲୁର ଥାନା ଅଂଚଳର ଧାମି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଡ଼ିଆରଜି, ସିଆରପିଏଫ, କୋବ୍ରା, ବସ୍ତର ଫାଇଟର୍ସ, ବସ୍ତାରିୟା ବାଟାଲିୟନର ସୁରକ୍ଷାକର୍ମୀ ସର୍ଚ୍ଚଅପରେସନ କରୁଥିବା ବେଳେ ନକ୍ସଲ ସହ ଗୁଳିବିନିମୟ ହୋଇଥିଲା । ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ । ଘଟଣାସ୍ଥଳରେ ସର୍ଚ୍ଚିଂ ବେଳେ ୪ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯିବା ସହ ଏକେ-୪୭,ଏଲଏମଜି, ଅଟୋମେଟିକ ବନ୍ଧୁକ ସହ ମାଓ ସାମଗ୍ରୀ ଜବତ କରାଯାଇଛି । ଏସପି ଘଟଣା ଉପରେ ନଜର ରଖିଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପକ୍ଷରୁ ୮୯ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ପାଳନ

ସୋନପୁର,୨/୪ (ନି/ପ୍ର): ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପକ୍ଷରୁ ୮୯ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ମହା ସମାରୋହ ରେ ପାଳିତ ହୋଇଯାଇଛି । ସ୍ଥାନୀୟ ରିଜର୍ଭ ପୋଲିସ ପଡିଆ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଓଡ଼ିଶା ର ମହାମହିମ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତା ପଠନ କରିଥିଲେ ଏବଂ ଜିଲ୍ଲାରେ ଥିବା ପୋଲିସ ମାନଙ୍କୁ ଦେଶ ଓ ଜାତି ସକାଶେ ସମର୍ପିତ ହୋଇ କାର୍ଯ୍ୟ କରିବାକୁ କହିଥିଲେ । ସମ ଦୃଷ୍ଟିରେ ଜନତା ଙ୍କ ସେବା ଓ ସହଯୋଗ କରିବା ସହିତ ସିଷ୍ଟକ୍ଷଚାର, ଚରିତ୍ର ବାନ, ଏକ ଆଦର୍ଶ ହେବାକୁ କହି ସ୍ୱ ନିମ୍ନ ବଳ ପ୍ରୟୋଗ କରି ଆଇନ୍ କୁ ମଧ୍ୟ ସମ୍ମାନ ଦେବାକୁ ଅଭିଭାଷଣ ରେ ଏସପି ଶ୍ରୀମାଲ ପୋଲିସ୍ ବାହିନୀ ଙ୍କୁ ପରାମର୍ଶ କରିଥିଲେ । ଉତମ ସେବା ପ୍ରଦାନ କରିଥିବା ଜିଲ୍ଲାର ରାମପୁର ଥାନା ର ବେଷ୍ଟ ପୋଲିସ ଅଫିସର ଏସ ଆଇ ଅବିନାଶ ପଧାନ, ଜିଲ୍ଲା ପୋଲିସ୍ ର ଏ ଏସ ଆଇ ଶୁକଦେବ ଚାନ୍ଦ, କ୍ରାଇମ୍ ହାବିଲଦାର ବୃନ୍ଦାବନ ପଂଚବିହାର , କନଷ୍ଟେବଳ ପ୍ରଦୀପ ସାହୁ, ଟ୍ରାଫିକ କନେଷ୍ଟବଳ ପ୍ରତିମା ବଗର୍ତି, ଏ ପି ଆର୍ କନେଷ୍ଟବଳ ସୁମିତ ରଥଙ୍କୁ ଆଜିର ମୁଖ୍ୟ ଅତିଥି ଏସପି ଶ୍ରୀ ଶ୍ରୀମାଲଙ୍କ ଦ୍ୱାରା ମାନପତ୍ର ଫୁଲ ତୋଡା ଓ ଉପ ଢୌକାନ ପ୍ରଦାନ୍ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।


GOLDEN TIGER
10
87220
Sixth (1000) Prize Rs. 120/-


GOLDEN SONA
10
46429
Sixth (1000) Prize Rs. 120/-

ଦୁର୍ଗମ ୫ଗାଁର ଗ୍ରାମବାସୀଙ୍କର ପ୍ରଶାସନକୁ ପ୍ରଶ୍ନ : ଆମ ମୌଳିକ ଅଧିକାର କେବେ ମିଳିବ

ଜୟପୁର,୨/୪ (ନି/ପ୍ର): ଦେଶ ସ୍ୱାଧିନତାର ଆଉ କେତେ ବର୍ଷ ପରେ ଆମେ ଆମ ମୌଳିକ ସାମ୍ବିଧାନିକ ଅଧିକାର ପାଇବୁ ବୋଲି ଜୟପୁର ବ୍ଲକର ବାରିଣୀପୁଟର ଲାଟିଗୁଡା, ଛଡ଼ାପଦର, ବଡ଼ିଗୁଡା,ଡେକିଆଗୁଡା ଓ ଡାଙ୍ଗରାବେଡ଼ା ୫ଟି ଦୁର୍ଗମ ଗାଁର ଗ୍ରାମବାସୀ ବ୍ଲକ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ଏହି ୫ଟି ଗାଁର ଗ୍ରାମବାସୀମାନେ ବାରିଣୀପୁଟରୁ ଜୟପୁର ବ୍ଲକ ପର୍ଯ୍ୟନ୍ତ ପଦଯାତ୍ରା କରି ବ୍ଲକ କାର୍ଯ୍ୟାଳୟକୁ ଘେରି ଧାରଣା ଦେଇଥିଲେ । ସମାଜସେବୀ ବି.ହରିରାଓଙ୍କ ନେତୃତ୍ୱରେ ଏହି ୫ଗାଁର ଗ୍ରାମବାସୀ ଆସିଥିଲେ । ଏହି ପାଂଚଟି ଯାକ ଗାଁକୁ ଯିବା ପାଇଁ ଭଲ ରାସ୍ତା ଖଣ୍ଡିକ ନାହିଁ । ଖାଲଖମା,ପଥୁରିଆ ରାସ୍ତାରେ ବର୍ଷ ବର୍ଷ ଧରି ଲୋକେ ଯିବାଆସିବା କରୁଥିବା କହିଛନ୍ତି ଗ୍ରାମବାସୀ । ଏହି ଚାରି ଅପହଂଚ ଗାଁକୁ ଯିବାକୁ ହେଲେ ବାଇକ୍ କିମ୍ବା ଅଟୋ ଯିବା ତ ଦୂର କଥା ସାମାନ୍ୟ ବର୍ଷା ହେଲେ ଚାଲିକି ଯିବା କଷ୍ଟକର । ସରକାର ଗ୍ରାମାଂଚଳର ବିକାଶ ପାଇଁ ମାଳ ମାଳ ଯୋଜନା ପ୍ରସ୍ତୁତ କରି ରାସ୍ତା ନିର୍ମାଣ କରୁଛନ୍ତି ସତ କିନ୍ତୁ ଏହି ଗାଁ ଗୁଡିକ ଭଲ ରାସ୍ତା ନାହିଁ । ରାସ୍ତା ନଥିବାରୁ ଭନ୍ତା ପାଇଁ ବୃଦ୍ଧ ଓ ବୃଦ୍ଧା, ପିଡିଏସ୍ ଚାଉଳ ନେବା ପାଇଁ ଏହି ଗାଁର ଲୋକେ ୧୦କିଲୋମିଟର ଦୂରରେ ଥିବା ବାରିଣୀପୁଟ ପଂଚାୟତ କାର୍ଯ୍ୟାଳୟକୁ ଚାଲି ଚାଲି ଯିବା ଆସିବା କରିବା ବହୁତ ମୁସ୍କିଲ ହେଉଛି । ଗର୍ଭବତୀ ମହିଳା, ଜରୁରୀ ରୋଗୀଙ୍କୁ ଭାର କିମ୍ବା ଦୋଳା କରି ଗ୍ରାମବାସୀମାନେ ବୋହି ବୋହି ତଳକୁ ଆଣିଥାନ୍ତି । ଗାଁରେ ପହଚିଂ ପାରୁ ନାହିଁ ଆମ୍ବୁଲାନସ୍ । ଲାଟିଗୁଡା ଗାଁରେ ୭୦ ,ଛଡ଼ାପଦରରେ ୪୫, ଛଡ଼ାପଦରରେ ୩୬, ଢ଼େକିଆଗୁଡା ୨୭ ଓ ଡାଙ୍ଗରାବେଡ଼ାରେ ୨୦ ପରିବାର ବସବାସ କରୁଛନ୍ତି । ସମସ୍ତେ ଅନୁସୂଚିତ ଜନଜାତି ବର୍ଗର । ଜଙ୍ଗଲଜମିରେ ଚାଷ କରିବା ସହ ଏଠାରୁ ଜାଳେଣୀ କାଠ କିମ୍ବା ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରି ବଜାରରେ ବିକ୍ରୀ କରି ଏମାନେ ବହୁ କଷ୍ଟମଷ୍ଟରେ ନିଜ ପରିବାରର ପ୍ରତିପୋଷଣ କରି ଚଳି ଆସୁଛନ୍ତି । ଗାଁଗୁଡିକରେ ମୁନ୍ଦେ ଭଲ ପାଣି ମିଳୁନଥିବାବେଳେ ନାଳ କିମ୍ବା ଚୁଆ ପାଣିକୁ ଛାଣି ଏମାନେ ପିଉଛନ୍ତି । ଅଙ୍ଗନୱାଡୀ କେନ୍ଦ୍ର ନଥିବା ବେଳେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପାଇଁ ବିଦ୍ୟାଳୟ ବି ନାହିଁ । ଏହି ପାଂଚ ଗାଁର ୪୦ ପିଲା ପ୍ରାକ୍‌ବିଦ୍ୟାଳୟ, ୪୫ ଜଣ ପିଲା ପ୍ରାଥମିକ ବିଦ୍ୟାଳୟ ପିଣ୍ଡା ବି ମାଡ଼ି ପାରିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତା ,ପାନୀୟ ଜଳଯୋଗାଣ, ଅଙ୍ଗନୱାଡୀ ଓ ସ୍କୁଲ ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର ସରପଂଚ, ବିଡିଓ, ବିଧାୟକ, ପ୍ରଶାସନ ଆଦିଙ୍କୁ ଅଭିଯୋଗ କରି କରି ଥକ୍କି ପଡ଼ିଥିବା ଏହି ଗ୍ରାମବାସୀମାନେ କହିଛନ୍ତି । ଦାବି ପୁରଣ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଏହି ଗ୍ରାମବାସୀ ମାନେ ଚେତାବନୀ ଦେଇଥିଲେ । ବିଡିଓ ଶକ୍ତି ମହାପାତ୍ର ତଦାରଖ କରି ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ ।

ଅସ୍ତିତ୍ୱ ସଙ୍କଟରେ ମହାରାଜ ସଂସ୍କୃତ ବିଦ୍ୟାଳୟ

ଜୟପୁର,୨/୪ (ନି/ପ୍ର): ଜୟପୁରରେ ମହାରାଜା ସଂସ୍କୃତ ବିଦ୍ୟାଳୟ ଦୀର୍ଘ ବର୍ଷ ତଳେ ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଆରମ୍ଭ ହୋଇଥିଲା । ମହାରାଜା ବିକ୍ରମ ଦେବ ବର୍ମାଙ୍କ ସମୟରେ ତାଙ୍କ ପୃଷ୍ଠପୋଷକତାରେ ଆରମ୍ଭ ହୋଇଥିଲା ଏବଂ ସ୍ୱର୍ଗତ ହରିହର ନନ୍ଦ ପ୍ରଧାନାଚାର୍ଯ୍ୟ ଏହି ବିଦ୍ୟାଳୟକୁ ଆରମ୍ଭ କରିଥିଲେ । ପ୍ରଥମେ ପ୍ରଥମା ଓ ମଧ୍ୟମା ଥିଲେ ହେଁ ପ୍ରଥମା ପଢ଼ାଯାଉଥିଲା । ପରବର୍ତ୍ତୀ ସମୟରେ କବିରାଜ କୃଷ୍ଣଚନ୍ଦ୍ର ଅଚାର୍ଯ୍ୟ ପ୍ରଧାନଆଚାର୍ଯ୍ୟ ଦାୟିତ୍ୱ ନେବା ପରେ ତତ୍କାଳୀନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କୁ ସେ ସ୍କୁଲ ସଂପର୍କରେ ଅବଗତ କରିଥିଲେ । ରାଜ୍ୟସରକାରଙ୍କ ଠାରୁ ଅନୁମତି ଅଣାଯାଇ ମଧ୍ୟମା ବି ଆରମ୍ଭ ହୋଇଥିଲା । ହେଲେ ଏବେ ଅବହେଳା କାରଣରୁ ବିଦ୍ୟାଳୟ ନିଜର ଅସ୍ତିତ୍ୱ ସଙ୍କଟରେ ପଡିଛି । ଇ ୨୮-ଶରବକ୍ସ-ଙକ୍ଷୟ ରକ୍ସକ୍ଟଞ୍ଜ ଇ ଷ ଙ୍କ ଭ ବ ଭ ର ଷ୍ଟ ଙ୍ଗ ବ କ୍ସ ଝଷବକ୍ସରଷ୍ଟ ଐକ୍ଟଙ୍ଗ ଝଷର ଇର-ମବଙ୍କର ଜସମଷଖରଇଜଘ ଗଡଜର ୨୦୦୦ ମସିହାରୁ ରାଜ୍ୟ ସରକାଙ୍କ ମାଧ୍ୟମିକ ଶିକ୍ଷାପରିଷଦ ହାତକୁ ଯାଇଥିଲା । ହେଲେ ଶହ ଶହ କିଲୋମିଟର ଦୂରରୁ ପିଲା ଆସି ପଢୁଥିବା ଏହି ବିଦ୍ୟାଳୟଟି ବିଭିନ୍ନ କାରଣରୁ ଏବେ ଆବଶ୍ୟକ ମାତ୍ରାରେ ପିଲା ଅଭାବରୁ ବନ୍ଦ ହୋଇଯିବା ସ୍ଥିତିରେ । ଏବେ ଆଉ ପ୍ରଥମା ପଢ଼ାଯାଉନି । କେବଳ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ମଧ୍ୟମା ହିଁଏଠାରେ ଶିକ୍ଷାଦାନର ବ୍ୟବସ୍ଥା ରହିଛି । ଦିନ ଥିଲା ଏଠାରେ ସଂସ୍କୃତ ପଢ଼ି ବିଶାରଦ ହାସଲ କରିଥିଲେ ବହୁ ପଣ୍ଡିତ । ହେଲେ ଶିକ୍ଷକ ଅଭାବ ଓ ବିଦ୍ୟାଳୟ ପରିଚାଳନାରେ ଅନିୟମିତତା କାରଣରୁ ଶହ ଶହ ଛାତ୍ରଛାତ୍ରୀ ପଢୁଥିବା ସ୍କୁଲଟି ଏବେ ପିଲା ଶୂନ୍ୟ ପଲଟିଛି । ଏବେ ଦଶମ ଶ୍ରେଣୀରେ ମଧ୍ୟ ଯେଉଁ ୬ ଜଣ ପିଲା ପଢୁଛନ୍ତି ସେମାନଙ୍କୁ ପଢାଇବା ପାଇଁ ଶିକ୍ଷକ ଅଭାବ ଦେଖାଦେଇଛି । ମାତ୍ର ତିନୋଟି ଟିଣ ଛପର ଘରେ ଏହି ସ୍କୁଲ ଚାଲିଛି । ସଦ୍ୟ ସରିଥିବା ମାଟ୍ରିକ ପରୀକ୍ଷାରେ ୨୦ଜଣ ପିଲା ମଧ୍ୟମା ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ । ଅଥଚ ଅଧିକାଂଶ ଛାତ୍ର ଛାତ୍ରୀ ପରୀକ୍ଷା ଦେଉନାହାନ୍ତି । ଏହି ସ୍କୁଲ କେବଳ କେବଳ ନାଁକୁ ମାତ୍ର ରହିଛି । ନା ଅଛି ଭିତ୍ତିଭୂମି ନା ରହିଛି ଛାତ୍ର ଛାତ୍ରୀଙ୍କ ଲାଗି ପଢିବା ସୁବିଧା । ସ୍କୁଲରେ ଛାତ୍ର ଛାତ୍ରୀ ନାମ ନଲେଖାଇଲେ ବନ୍ଦ ହୋଇଯିବ ବୋଲି କେତେକ ଶିକ୍ଷକ ସହରର ବସ୍ତି ଓ ଆଖାପାଖ ଗାଁକୁ ଯାଉଛନ୍ତି । ଯେଉଁମାନେ କୌଣସି କାରଣରୁ ପାଠ ଛାଡିଦେଇଛନ୍ତି, ଲେଖାଇ ପାଠ ପଢିବାର ଆଗ୍ରହ ଏବଂ ଯେଉଁମାନେ ସ୍କୁଲକୁ ନ ଆସି ପରୀକ୍ଷା ଦେବାକୁ ଚାହୁଁ ଛନ୍ତି ସେଭଳି ପିଲାଙ୍କୁ ଚିହ୍ନଟ କରୁଛନ୍ତି । ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି । ସ୍କୁଲ ନଆସିଲେ ମଧ୍ୟ ସହଜରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯିବ ଏବଂ ସରକାରଙ୍କ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ବୁଝାଉଉଛନ୍ତି । ଯେଉଁ ଅଭିଭାବକ ରାଜି ହୋଇଯାଉଛନ୍ତି, ସେମାନଙ୍କ ପିଲାଙ୍କୁ ନିୟମ ଅନୁସାରେ ଅଷ୍ଟମରୁ ଆରମ୍ଭ କରି ଦଶମ ପର୍ଯ୍ୟନ୍ତ ଶ୍ରେଣୀରେ ନାମ ଲେଖାଇଦେଉଛନ୍ତି । ସେମାନେ ଏହି ସ୍କୁଲରେ ନାମ ଲେଖାଇଥିଲେ ମଧ୍ୟ କେବେ ଆସନ୍ତି ନାହିଁ । କାଁ ଭାଁ ବୁଲିବା ଭଳି ସ୍କୁଲକୁ ଆସିଥାନ୍ତି । ସଚେତନତାର ଅଭାବ ଯୋଗୁ ଅନେକ ପରୀକ୍ଷା ଦେଉନାହାନ୍ତି । ବିଦ୍ୟାଳୟଟି ଯଦିଓ ପୁରୀର ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧିନରେ ଚାଲୁଛି । ତେବେ ରାଜ୍ୟ ସରକାର ସ୍କୁଲର ଶିକ୍ଷକଙ୍କ ଦରମା ସହ ଭତ୍ତା ଦେଉଛନ୍ତି ବୋଲି କହିଛନ୍ତି ବିଇଓ ଚନ୍ଦନ ନାୟକ । ଭିତ୍ତିଭୂମି ଠିକ ନଥିବା ଏବଂ ସ୍କୁଲ ପିଲା ପଢ଼ିବା ଭଳି ପରିବେଶ ନାହିଁ ବୋଲି କହିଛନ୍ତି ବିଇଓ । ଏବର୍ଷ ମାଟ୍ରିକ ପରୀକ୍ଷାର ମଧ୍ୟମାରେ ୨୦ଜଣଙ୍କ ମଧ୍ୟରୁ କିଛି ଜଣ ଅନୁପସ୍ଥିତ ରହିଥିଲେ ବୋଲି କହିଛନ୍ତି ବିଇଓ । ସେ ପୁଣିଥରେ ଗସ୍ତ କରି ଏହି ବିଦ୍ୟାଳୟର ଅବସ୍ଥାକୁ ନେଇ ତଦାରଖ କରିବେ ବୋଲି କହିଛନ୍ତି ବିଇଓ । ତୁରନ୍ତ ଏହି ସର୍ବପୁରାତନ ସଂସ୍କୃତ ବିଦ୍ୟାଳୟର ପୁନଃରୁଦ୍ଧାର କରି ଏହାର ଭିତିଭୂମିକୁ ସଜାଡ଼ିବା ପାଇଁ ଭବାନୀ ଆଚାର୍ଯ୍ୟ, ନବକୃଷ୍ଣ ରଥ, ହରିହର କରସୁଧା ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି ।

ହାଇୱା ଧକ୍କାରେ ବାଇକ ଚାଳକ ଗୁରୁତର ଘଟଣା ; ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ

ଲାଞ୍ଜିଗଡ,୨/୪ (ନି/ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ପୋଖରିବନ୍ଧ ନିକଟରେ ଅଜଣା ଗାଡି ଧକ୍କାରେ ବାଇକ ଚାଳକ ଗୁରୁତର ଘଟଣାରେ ଚିକିତ୍ସିତ ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଚାଳକଙ୍କ ମୃତ୍ୟୁ ଘଟିଛି । ସୂଚନା ମୁତାବକ ରବିବାର ସନ୍ଧ୍ୟା ପ୍ରାୟ ୯ ଘଂଟା ସମୟରେ ରାୟଗଡା ଜିଲ୍ଲା ଆମ୍ବାଦୋଳା ଥାନା ଅନ୍ତର୍ଗତ କାସେର ଗ୍ରାମର ରାମଚନ୍ଦ୍ର ବାଗ (୪୫) ନିଜ ଗାଁରୁ ଲାଞ୍ଜିଗଡ ନିକଟସ୍ଥ ଜଗନ୍ନାଥପୁର ଶଶୁର ଘରକୁ ବାଇକରେ ଆସୁଥିବା ସମୟରେ ୬ ନଂ ରାଜ୍ୟ ରାଜପଥ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ପୋଖରୀବନ୍ଧ ସ୍ଥିତ ବେନିପୋଖରୀ ପେଟ୍ରୋଲ ପମ୍ପ ନିକଟରେ କୌଣସି ହାଇୱା ଧକ୍କାରେ ରାମଚନ୍ଦ୍ର ଗୁରୁତର ହୋଇଥିଲେ । ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡିଥିବା ବେଳେ ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାମଚନ୍ଦ୍ରର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥା ଅତ୍ୟଧିକ ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସୋମବାର ବୁର୍ଲାରେ ଚିକିତ୍ସିତ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା ଏବଂ ବୁର୍ଲାରେ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା । ଗ୍ରାମରେ ଶବ ପହଂଚିବା ପରେ ଶୋକାକୁଳ ପରିବେଶରେ ଶବଦାହ କରାଯାଇଥିଲା । ଏନେଇ ବିଶ୍ୱନାଥପୁର ଥାନାଧିକାରୀ ମମତା ହେମ୍ବ୍ରମକୁ ପଚାରିବାରୁ ଗୁରୁତର ରାମଚନ୍ଦ୍ରଙ୍କ ବୁର୍ଲାଠାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ଏବଂ ହରିଶ୍ଚନ୍ଦ୍ର ଯୋଜନା ଓ ସରକାରଙ୍କ ଯାହା ସହାୟତା ପ୍ରକ୍ରିୟା ଅଛି ତାହା ପରିବାର ଲୋକଙ୍କୁ ମିଳିବ ବୋଲି ପ୍ରକାଶ କରିଥିଲେ । ଦୁର୍ଘଟଣା ଘଟାଇଥିବା ହାଇୱା ଜବତ କରିବା ସହିତ ବିଶ୍ୱନାଥପୁର ଥାନା କେଶ ନଂ ୨୬/୨୦୨୪ ରେ ଏକ ମାମଲା ରୁଜୁ ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଂଟନ

ମାଲକାନଗିରି, ୨/୪ (ନି/ପ୍ର): ଆଜି ହେଉଛି ପବିତ୍ର ଉତ୍କଳ ଦିବସ । ସାରା ରାଜ୍ୟରେ ଏହାକୁ ବେଶ ଉତ୍ସାହର ସହ ପାଳନ କରାଯାଉଥିବା ବେଳେ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ପବିତ୍ର ଉତ୍କଳ ଦିବସ ଆଡ଼ମ୍ବର ସହକାରେ ପାଳନ କରାଯାଇଛି । ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାର କାଲିମେଳା ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସକାଳ ୯ଟା ରେ ସମସ୍ତ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଫଳ ବଂଟନ କରାଯାଇଥିଲା । ଏହାସହ ରୋଗୀ ମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଏହି ଅବସରରେ କାଲିମେଳା ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ମୁକ୍ତିକାନ୍ତ ମଲ୍ଲିକଙ୍କ ସହ ଅନ୍ୟ ଅଧିକାରୀ, କାଲିମେଳା ବ୍ଲକର ବରିଷ୍ଠ ସାମ୍ବାଦିକ ଦୁଃଶାସନ ମହାପାତ୍ର ଓ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହା ସହ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନିବାସ ପାତ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଦ୍ୟୁତ ବୈରାଗୀ, ବ୍ଲକ ସଭାପତି ରାଜେଶ ଓଝା, ବ୍ଲକ ସମ୍ପାଦକ ଭିକି ବାରିକ, ପ୍ରଭାତ ସାହା, ସୌରଭ ମଣ୍ଡଳ, ବୁଦ୍ଧ ଦେବ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ

ବ୍ରାହ୍ମଣୀ କ୍ଲବ ପକ୍ଷରୁ ଉତ୍କଳ ଦିବସ ପାଳିତ

ରାଉରକେଲା, ୨/୪ (ନି/ପ୍ର): ପ୍ରତିଷ୍ଠିତ କ୍ଲବ ବ୍ରାହ୍ମଣୀ କ୍ଲବ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଉତ୍କଳ ଦିବସକୁ ନେଇ ଓଡ଼ିଆ ସଭ୍ୟତା, ସଂସ୍କୃତିପର ପରିଦର୍ଶନକୁ ନେଇ ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ସମେତ କ୍ରି ଓ୍ୱାର୍କର୍ସ ଏସ.ଆର.ସୂର୍ଯ୍ୟବଂଶୀ, ଇଡ଼ି ପିଆଣ୍ଡଡ଼ିଏ ତରୁଣ ମିଶ୍ର, ଇଡ଼ି ଫାଇନାନ୍ସ ଏ.କେ ବେହୁରିଆ ଆଲୋକ ବର୍ମା, ଇଡି ଏସ.ଆ.ୟୁ ଏସ କେ ରଥ, ପାନପୋଷ ବନ ବିଭାଗ ଡ଼ିଏଫଓ ଯଶବନ୍ତ ସେଠୀ, ସିଆଇଏସଏଫ କମାଟେଟେଂ ଅଶୋକ ଯଲଆନିଆ, କ୍ଲବର ଉପାଧ୍ୟକ୍ଷ ରାମ ପଟ୍ଟନାୟକ, ସଂପାଦକ ଶୁଭ ପଟ୍ଟନାୟକ ଦ୍ୱୀପ ପ୍ରଜ୍ଜଳିତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।ଏହି ଅବସରରେ ବ୍ରାହ୍ମଣୀ କ୍ଲବର ଅନେକ କର୍ମଚାରୀ ଓ ସଭ୍ୟମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ପରେ ଓଡ଼ିଶାର ବିଭିନ୍ନ ସହରରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଛଉ , ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସହରର ଅନେକ ସାମାଜିକ ସଂଗଠନ, ପଦାଧିକାରୀ, ଗଣମାନ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମର ପ୍ରଶଂସା ସମସ୍ତ ସଂଗଠନର ପଦାଧକାରୀ କରିଥିଲେ।ଏହା ସହ ଓଡ଼ିଶା ଖାଦ୍ୟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। କ୍ଲବର ସୂଚନା ଅଧିକାରୀ ପ୍ରମୋଦ କୁମାର ନାତୁନିଆ ସମେତ ବାଣିଜ୍ୟ ସଂଘର ଅଧ୍ୟକ୍ଷ ସୁନିଲ କୟାଲ ସମେତ କାର୍ଯ୍ୟାଳୟର ପଦାଧିକାରୀ ଟାଟା ପାଓ୍ୱାରର ଏ.କେ ସମେତ ବରିଷ୍ଠ ଅଧିକାରୀ ହରିଆଣା ନାଗରିକ ସଂଘର ଅଧ୍ୟକ୍ଷ ନରେଶ ଅଗ୍ରଓ୍ୱାଲ , ସନ୍ତୋଷ ଅଗ୍ରଓ୍ୱାଲ, ନୂତନ ଅଧ୍ୟକ୍ଷ ସଦାନନ୍ଦ ସାହୁ, ସହର ସେବା ସମିତିର ଅଧ୍ୟକ୍ଷ ଶୈଳେ ମହାନ୍ତି, ରାଉରକେଲା ଟ୍ୟାକ୍ସ ବାର ଆସୋସିଏସନ ଦ ଇଟନୁ ଅଫ , ଲ୍ରି ଅଧ୍ୟକ୍ଷ ବେଦବ୍ୟାସ ଗୋଶାଳା ସମିତି ସମେତ ସହରରନ ସଭ୍ୟ ସାମିଲ ହୋଇଥିଲେ।

ଉଦ୍‌ଯାପିତ ହେଲା ୨୩ତମ ଜାତୀୟ ଉପକନିଷ୍ଠ ଉଷୁ ପ୍ରତିଯୋଗିତା

ଓଡ଼ିଶା ପାଇଁ ପଦକ ଆଣିଲେ ରାଉରକେଲାର ସାଧନା

ରାଉରକେଲା, ୨/୪ (ନି/ପ୍ର) :ଜମ୍ମୁ ବିଶ୍ୱବଦ୍ୟାଳୟ ରେ ଉଦଯାପିତ ହୋଇଯାଇଛି ୨୩ ତମ ଜାତୀୟ ଉପକନିଷ୍ଠ ଉଷୁ ପ୍ରତିଯୋଗିତା । ୨୬ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଜାତୀୟ ପ୍ରତିଯୋଗିତାରେ ୩୦ ଖେଳାଳୀ ଏବଂ ୯ ଅଫିସିଆଲ ସହ ୩୯ ଜଣିଆ ଓଡ଼ିଶା ଦଳ ଅଂଶ ଗ୍ରହଣ କରିଥିଲେ । ସୁନ୍ଦରଗଡ଼ ଜିଲ୍ଲା ଉଷୁ ସଂଘର ତତ୍ୱାବଧାନରେ ରାଉରକେଲାରେ ୩ ଖେଳାଳୀ ଏବଂ ୨ ଜଣ ଟେକନିକାଲ ଅଫିସିଆଲ ଓଡ଼ିଶା ଉଷୁ ଦଳକୁ ତତ୍ୱାବଧାନ କରିଥିଲେ । ନାନକ୍ୱାନ ଇଭେଂଟରେ ରାଉରକେଲାର ସାଧନା ମାଝୀ କାଂସ୍ୟ ପଦକ ଜିତି ସୁନ୍ଦରଗଡ଼ ଜିଲ୍ଲା ସମିତି ରାଉରକେଲା ପାଇଁ ଗୌରବ ଆଣିଛନ୍ତି । ଜିଲା ଉଷୁ ସଂଘ ଉପ ସଭାପତି ଟିକା ବାହାଦୁର ଏବଂ ସାଧାରଣ ସଂପାଦକ ସୁଜନ ରଥ ଟେକନିକାଲ ଅଫିସିଆଲ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଓଡ଼ିଶା ଉଷୁ ସଂଘ ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ଇ ସୁଧାଂଶୁ ଶେଖର ହରିଚନ୍ଦନ, ସ୍ପୋର୍ଟସ ଉଷୁ ଆସସିଏସନ ଅଫ ସୁନ୍ଦରଗଡ଼ ର ସଭାପତି ବିରଂଚି ନାରାୟଣ ପଟ୍ଟନାୟକ, ଉପ ସଭାପତି ରିତିକ ପଣ୍ଡା ,ରଜିବ କଂସଲ, ଯୁଗ୍ମ ସଂପାଦକ ଅଜୟ ଲାକ୍ରା, ଉପଦେଷ୍ଟା ମହେଶ ରାଜଗନ୍ଧା, ବ୍ରିଜରାଜ ସିଂହ ଜିଲ୍ଲା କ୍ରିଡ଼ା ଅଧିକାରୀ ସୁଦିପ୍ତ ନାୟକ, ସୁନ୍ଦରଗଡ଼ ଜିଲ୍ଲା ଆମେଚର ବକ୍ସିଂ ସଂଘ ସଂପାଦକ ସୁଶାନ୍ତ ଷଡ଼ଙ୍ଗୀ, ସହରର ଅଗ୍ରସୀ କ୍ରୀଡ଼ା ଅନୁଷ୍ଠାନ ଏହି ସଫଳତା ପାଇଁ ଖେଳାଳୀ ତଥା ଜିଲ୍ଲା ସଂଘକୁ ଶୁଭେଚ୍ଛା ଜଣାଇଛନ୍ତି ବୋଲି ଜିଲ୍ଲା ଉଷୁ ସଂଘ ସଂପାଦକ ଏକ ପ୍ରେସ ବିବୃତିରେ ସୁଚନା ଦେଇଛନ୍ତି ।

ସାଂସ୍କୃତିକ ଅନୁଷ୍ଠାନ ' ଜାଗରଣ ' ତରଫରୁ ଉକ୍ରଳ ଦିବସ ପାଳିତ

ରାଉରକେଲା, ୨/୪ (ନି/ପ୍ର) :ସିଭିଲ ଟାଉନସିପ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ' ଜାଗରଣ ' ତରଫରୁ ପୂଜା ମଣ୍ଡପ ଠାରେ ୮୯ ତମ ଉକ୍ରଳ ଦିବସ ଉତ୍ସାହ ଓ ଉଦ୍ଦୀପନା ସହ ପାଳିତ ହୋଇ ଯାଇଛି କ୍ଷ ଜାଗରଣର ସଭାପତି ସୁରନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମାନ୍ନିତ ଅତିଥି ଭାବେ ପ୍ରଖ୍ୟାତ ଅସ୍ଥି ଶଲ୍ୟ ବିଶେଷଜ୍ଞ ଓ କଳିଙ୍ଗ ଟ୍ରମା ସେ୍‌ରର ନିର୍ଦ୍ଦେଶକ ଡ଼: ଉନ୍ନମ ଚରଣ ଜେନା , ମୁଖ୍ୟ ବକ୍ତା ଭାବେ ଇସ୍ପାତ କଲେଜ ଓ ମୁନିସିପାଲ କଲେଜର ଅବସର ପ୍ରାପ୍ତ ଅଧକ୍ଷ ତଥା ଐତିହାସିକ ପ୍ରଧାପକ ଶ୍ରୀ ବିପିନ ବିହାରି ସାହୁ ଏବଂ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ,ସହର ସେବା ସମିତିର ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜ ସେବୀ ଶୈଳେନ୍ଦ୍ର ମହାନ୍ତି ଯୋଗଦେଇ ଥିଲେ । ପ୍ରାରମ୍ଭରୁ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦେ ଉକ୍ରଳ ଜନନୀ ଗାନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରା ଯାଇ ଥିଲା କ୍ଷ ମୁଖ୍ୟ ବକ୍ତା ପ୍ରଧାପକ ଶ୍ରୀ ବିପିନ ବିହାରି ସାହୁ ଓ ସମ୍ମାନିତ ଅତିଥି ଡ଼ଃ ୟୁ.ସି. ଜେନା ଓ ଶୈଳେନ୍ଦ୍ର ମହାନ୍ତି ଉକ୍ରଳ ଦିବସର ତାତ୍ପର୍ଯ୍ୟ ଓ ଐତିହାସିକ ପୃଷ୍ଠଭୂମି ବର୍ଣ୍ଣନା କରି ଉକ୍ରଳ ଗୌରବ ମଧୁସୂଦନ ଦାସ ଓ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେଓ, ଉକ୍ରଳମଣି ଗୋପବନ୍ଧୁ ଦାସ ଓ ଫକୀର ମୋହନ ସେନାପତିଙ୍କ ଭୂମିକା ଓ ଅବଦାନ କିପରି ଦେଶରେ ପ୍ରଥମ ଭାଷା ଭିତ୍ତିକ ପ୍ରଦେଶ ଗଠନର ସ୍ୱପ୍ନ ସାକାର କରି ଓଡିଶା ପ୍ରଦେଶ ଜନ୍ମ ଲାଭ କଲା ତାଉପରେ ଆଲୋକ ପାତ କରିଥିଲେ କ୍ଷ ମା ଇନ୍ଦିରା ସ୍ୱେଚ୍ଛାସେବୀ ସଂସ୍ଥାର ଅଧ୍ୟକ୍ଷ ପୁଷ୍ପା ଲେଙ୍କା ଓ ତାଙ୍କର ସହଯୋଗୀ ସଦସ୍ୟ ମାନଙ୍କ ଦ୍ୱାରା ପ୍ରସ୍ତୁତ ପୋଡ଼ ପିଠା, ଆରିଷା, କାକରା ଆଦି ବିଭିନ୍ନ ପ୍ରକାରର ପିଠା ଉପସ୍ଥିତ ଅତିଥି ଓ ବ୍ୟକ୍ତି ମାନଙ୍କୁ ପରଷି ଥିଲେ । ସେମାନଙ୍କ ସକ୍ରିୟ ସହଯୋଗ ଓ ଜାଗରଣର ଉପ ସଭାପତି ସଚ୍ଚିନାଥ ପଣ୍ଡା, ସହ ସମ୍ପାଦକ ଶ୍ରୀ ଏସ.ଏସ. ବି. କେ. ଇ. ଟୀଗା, କୋଷାଧ୍ୟକ୍ଷ ବିଶ୍ୱଜିତ ସାହୁ, ଯଜ୍ଞ ବଲ୍ଲିକ ମିଶ୍ର, ପ୍ରଣବ କୁମାର ପଣ୍ଡା, ବିକାଶ ଭଞ୍ଜ ଓ ଅନ୍ୟ କର୍ମକର୍ତ୍ତାର ପ୍ରଶଂସନୀୟ ପ୍ରଚେଷ୍ଟା ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲା କ୍ଷ ଜାଗରଣର ସମ୍ପାଦକ ପ୍ରସନ୍ନ କୁମାର ଦାସ ନିମନ୍ତ୍ରିତ ଅତିଥି ଓ ଉପସ୍ଥିତ କର୍ମକର୍ତ୍ତା ତଥା ସମସ୍ତ

ଦୁଇ ଗୋଷ୍ଠୀ ମଧ୍ୟରେ ବଚସା :

ବୀରମିତ୍ରପୁରରେ ଉତେଜନା

ବୀରମିତ୍ରପୁର,୨/୪ (ନି/ପ୍ର) :ସାମାନ୍ୟ ଘଟଣାକୁ କେନ୍ଦ୍ର କରି ବିରମିତ୍ରପୁରରେ ଉତେଜନା ଦେଖାଦେଇଛି । ସହରରେ ୧୦ ପ୍ଲାଟୁନ ପୋଲିସ ମୁତୟନ ସହ ମଙ୍ଗଳବାର ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ମିଳିଥିବା ସୂଚନା ଅନୁଯାୟୀ ସୋମବାର ରାତିରେ ଗୁପ୍ତେଶ୍ୱର ମେଳାରେ ସାମାନ୍ୟ କଥାକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। ଗୋଟିଏ ପକ୍ଷର ଭୁଜାଲି ମାଡରେ ଅପର ପକ୍ଷର ଦୁଇ ଜଣ ଯୁବକ ଆହତ ହୋଇଥିଲେ । ପରେ ଘଟଣା ସ୍ଥଳରେ ପୋଲିସ ପହଂଚି ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ପଶ୍ଚିମାଂଚଳ ଡ଼ିଆଇଜି ଏବଂ ସୁନ୍ଦରଗଡ ଏସପି ବିରମିତ୍ରପୁରରେ ପହଂଚି ଆଇନ ଶୃଙ୍ଖଳା ସ୍ଥିତି ତଦାରଖ କରିଥିଲେ। ଏବେ ବିରମିତ୍ରପୁର ସହରରେ ୧୦ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିବା ବେଳେ ସକାଳେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା । ସହରରେ ଶାନ୍ତି ବଜାୟ ରଖିବାକୁ ପ୍ରଶାସନ ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି ।

ଡାଲମିଆସିମେଂଟ (ଭାରତ) ଲିମିଟେଡ ପକ୍ଷରୁ ଉତ୍କଳ ଦିବସ ପାଳିତ

ରାଜଗାଙ୍ଗପୁର, ୨/୪ (ନି/ପ୍ର) :ରାଜଗାଙ୍ଗପୁର ସ୍ଥିତ ଡାଲମିଆ ସିମେଂଟ (ଭାରତ) ଲିମିଟେଡ (ଡିସିବିଏଲ୍)ର ସଂସ୍ଥା ଗୋପବନ୍ଧୁ ସାଂସ୍କୃତିକ ପରିଷଦ ପକ୍ଷରୁ ଉତ୍କଳ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ସକାଳ ୮ ଘଟିକା ସମୟରେ ସ୍ଥାନୀୟ ଗୋପବନ୍ଧୁ ଉଦ୍ୟାନ ରେ ଉତ୍କଳମଣି ପଣ୍ଡିତ ଗୋପାବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ରାଜଗାଙ୍ଗପୁର ସ୍ଥିତ ନୀଳଚକ୍ର ଓ ଉତ୍କଳ ସେନାର ସଦସ୍ୟମାନେ ଉପସ୍ଥିତଥିଲେ । ଏହାପରେ କମ୍ପାନୀ ତରଫରୁ ସର୍ବ ସାଧାରଣ ନିମନ୍ତେ ଏକ ଆମ୍ବୁଲାନ୍ସକୁ ଲୋକାର୍ପଣ କରାଯାଇଥିଲା କ୍ଷ ସ୍ପନ୍ଦନ ଠାରେ ଏକ ରକ୍ତଦାନ ଶିବିର ମଧ ଆୟୋଜନ କରାଯାଇଥିଲା। ଯେଉଁଥିରେ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା କ୍ଷ ଏହି ଅବସରରେ ଓ୍ୱାର୍କମ୍ୟାନ୍ ମାନଙ୍କ ପାଇଁ ଏକ ମଡେଲ ରୋଷେଇ ଶାଳାର ମଧ ଶୁଭ ଆରମ୍ଭ କରାଯାଇଥିଲା କ୍ଷ ସମାନ ଭାବେ ନିକଟସ୍ଥିତ ଲାଞ୍ଜିବେର୍ଣ୍ଣା ଖଣି ପକ୍ଷରୁ ମଧ ଉତ୍କଳ ଦିବସ ପାଳନ କରାଯାଇଥିଲା କ୍ଷ ଏହି ଅବସରରେ ଗୋପାବନ୍ଧୁ କଲୋନୀ ବାସିନ୍ଦା, ମାଇନ୍ସ ଓ୍ୱାର୍କମ୍ୟାନ୍ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଲାଞ୍ଜିବେର୍ଣ୍ଣା ଖଣି ଠାରେ 'ଉଦ୍ୟାନ ବାଟିକା' ମଧ ଶୁଭ ଆରମ୍ଭ କରାଯାଇଥିଲା କ୍ଷ ସନ୍ଧ୍ୟାରେ ଡିସିବିଏଲ୍ ଅଡିଟୋରିୟମ ଠାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଯାହା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା କ୍ଷ ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରାପ୍ତ ରାଜଗାଙ୍ଗପୁର ଓ କୁତ୍ରା ବ୍ଲକର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ତାଙ୍କର ପରିବାର ବର୍ଗ ସାମିଲ ହୋଇ ଓଡ଼ିଶାର ବର ପୁତ୍ରମାନଙ୍କୁ ସମ୍ମାନ ଜଣାଇବା ସହିତ କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ ଏବଂ ଆଡମ୍ବର ସହିତ ପବିତ୍ର ଉତ୍କଳ ଦିବସ କୁ ପାଳନ କରିଥିଲେ କ୍ଷ ଶ୍ରୀ ଚେତନ ଶ୍ରୀବାସ୍ତବ ଏକ୍ ?ଜିକ୍ୟୁଟିଭ ଡାଇରେକ୍ଟର ଡିସିବିଏଲ୍, ଡଃ. ନିଳାଦ୍ରୀ ଭୁଷଣ ପାଢୀ ଏଇଡି ଡିସିବିଏଲ୍- ହେଡ୍ ଏଚଆର ରାଜଗାଙ୍ଗପୁର, ଶ୍ରୀ ଓମ୍‌ପ୍ରକାଶ ଖେଲ୍‌କାର, ହେଡ୍- ଲାଞ୍ଜିବେର୍ଣ୍ଣା ମାଇନ୍ସ ଓ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ତଥା ଗୋପବନ୍ଧୁ ସାଂସ୍କୃତିକ ପରିଷଦର ସଦସ୍ୟ ମାନେ ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମସ୍ତଙ୍କୁ ଉତ୍କଳ ଦିବସ ସୁବେଛା ଜଣାଇ ଶ୍ରୀ ଚେତନ ଶ୍ରୀବାସ୍ତବ କହିଥିଲେ ଯେ ଯେଉଁ ଅଚଂଳର ହେଉ ନା କାହିଁକି ଏଠାରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ଓଡ଼ିଶାର ସଂସ୍କୃତିକୁ ଆପଣେଇବା ଦରକାର କ୍ଷ ଏଥିରେ ଗୋପବନ୍ଧୁ ସାଂସ୍କୃତିକ ସମିତିର ସଭାପତି ଶ୍ରୀ ବିଜୟ କେତନ ଦାସ ଉତ୍କଳ ଦିବସର ଇତିହାସ ଏବଂ ମହତ୍ୱ ବିଷୟରେ ଆଲୋଚନା କରିଥିଲେ । ପରିଷଦ ର ଯୁଗ୍ମ ସାଧାରଣ ସମ୍ପାଦକ ଶ୍ରୀ କୁମାର ମିଶ୍ର ମଚଂ ପରିଚାଳନା କରିଥିବା ବେଳେ ପରିଷଦ ର ସାଧାରଣ ସମ୍ପାଦକ ଶ୍ରୀ ଦିଲୀପ ପାଣିଗ୍ରାହୀ ଶେଷରେ ଉପସ୍ଥିତ ସଭାକୁ ଧନ୍ୟବାଦ ଅର୍ପଣ କରିଥିଲା । କମ୍ପାନୀର ଏଚ ଆର, ଆଡମିନ, ଇଷ୍ଟେଟ, ସୁରକ୍ଷା,ଦମକଳ, ସିମେଂଟ ବିଭାଗର କର୍ମଚାରୀ, ଅଧିକାରୀ, ଗୋପବନ୍ଧୁ ସାଂସ୍କୃତିକ ପରିଷଦର ସଦସ୍ୟ ଏବଂ ସ୍ଥାନୀୟ ପ୍ରଶାସନ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ ପ୍ରଦାନ କରିଥିଲେ ।

ବନିତା ଆକ୍ଟିଭିଟି ପ୍ଲେ ସ୍କୁଲର ସମାବର୍ତ୍ତନ ଉତ୍ସବ

ଜୟପୁର, ୨/୪ : ଜୟପୁର ପାଓ୍ୱାର ହାଉସ ସ୍ଥିତ ବନିତା ଆକ୍ଟିଭିଟି ପ୍ଲେ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି ସମାବର୍ତ୍ତନ ଉତ୍ସବ। ଅନୁଷ୍ଠାନର ଅଧକ୍ଷା ଶ୍ରୀମତୀ ବନିତା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ କୋରାପୁଟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଶ୍ରୀଯୁକ୍ତ ରୂପ ଚନ୍ଦ୍ର ସୋରେନ, ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଯଜ୍ଞେଶ୍ୱର

କଂଗ୍ରେସରୁ ରାଉରକେଲା ବିଧାନସଭା ପ୍ରାର୍ଥୀ ହେଲେ ବିରେନ୍ଦ୍ର ନାଥ ପଟ୍ଟନାୟକ

ବିଜେଡି ରେ ମିଶ୍ରଣ ପର୍ବ ଗତକାଲି ଶଙ୍ଖ ଭବନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେଇଯାଇଛି । ଏହି ଅବସରରେ ରାଜଗାଙ୍ଗପୁର ର ୨୦୧୪ ବିଜେପି ପ୍ରାର୍ଥୀ ଶ୍ରୀ ଉପେନ୍ଦ୍ର ପ୍ରଧାନ, ବିଜେପି ନେତା ଶ୍ରୀ ସୁନୀଲ ଅଗ୍ରଓ୍ୱାଲ ଏବଂ କଂଗ୍ରେସ ର ଶ୍ରୀ ରତନ କୁମାର ସାହୁ ବିଧି ବଦ୍ଧ ଭାବରେ ବିଜେଡି ରେ ଯୋଗଦାନ କରିଛନ୍ତି ।